ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.280 Bhubaneswar Sunday December 25 2022 | ୨୫ତମ ବର୍ଷ ସଂଖ୍ୟା-୨୮୦ ଭୁବନେଶ୍ୱର, ରବିବାର, ଡିସେମ୍ବର ୨୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# କରୋନାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ, ମୁକାବିଲା ପାଇଁ ବ୍ୟବସ୍ଥା ଅଛି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୪।୧୨(ପି.ଏନ): କରୋନା ସଂକ୍ରମଣ ନେଇ ରାଜ୍ୟବାସୀ ଆତଙ୍କିତ ହୁଅନ୍ତୁ ନାହିଁ। ଆମ ରାଜ୍ୟରେ ଭଲ.୭ ଭାରିଏଣ୍ଟଟି ଦୁଇ ବର୍ଷ ହେଲାଣି ଚିହ୍ନଟ ହୋଇଛି। ଯେହେତୁ ଏହା ଚାଇନାରେ ବଢୁଛି ତେଣୁ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଯଦିଓ ଏହାର ସଂକ୍ରମଣ କ୍ଷମତା ଅଧିକ ଅଛି, କିନ୍ତୁ ଏହାର ଫାଟାଲିଟି ଓ ମୋଟାଲିଟି ବିଶେଷ ନାହିଁ। ଏନେଇ ଆଜି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପ୍ରକାଶ କରିଛନ୍ତି।ସେ ସୂଚନା ଦେଇଛନ୍ତି, ବିଗତ ୪ଟି ଲହର ପାଇଁ ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଛି। ତେଣୁ ଏହା ଅଧିକ ସଂକ୍ରମିତ କରିପାରିବ ନାହିଁ। ୩ ମାସରୁ ଅଧିକ ହେଲାଣି ରାଜ୍ୟରେ ପାଜିଟିଭ ରେଟ ବଢ଼ିନାହିଁ। ହସ୍ପିଟାଲରେ ରୋଗୀ ଅଧିକ ମଧ ନାହାଁନ୍ତି। ଆଗକୁ ଯଦି ସଂକ୍ରମଣ ଆସେ କିପରି ମୁକାବିଲା କରାଯିବ ସେନେଇ ଆମେ ପ୍ରସ୍ତୁତ ହୋଇ ଅଛୁ।ସର୍ଭ ?ଲାନ୍‌କୁ ଜୋରଦାର କରାଯିବ। ଯାହା ଦେହରେ ଲକ୍ଷଣ ଅଛି ତୁରନ୍ତ ଟେଷ୍ଟ କରାନ୍ତୁ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ଅଛି। ବର୍ତ୍ତମାନ ରୋଗୀ ନଥିଲେ ମଧ୍ୟ ବେଡ଼ ମହଜୁଦ ରଖାଯାଇଛି। ଦରକାର ପଡ଼ିଲେ ବେଡ଼ ବଢାଯିବ। ରାଜ୍ୟରେ ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ଅଛି। କେନ୍ଦ୍ର ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ୨୭ ତାରିଖରେ ମକ୍ ଡ୍ରିଲ୍ ହେବ। ସମସ୍ତଙ୍କୁ ଅନୁରୋଧ ଲୋକଙ୍କୁ



ଭୟଭୀତ କଲାଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ। ପୂର୍ବ ଲହର ପରି ଏଥର ମଧ ଯଦି ସଂକ୍ରମଣ ବଢେ ରାଜ୍ୟ ସରକାର ଚିକିତ୍ସା ଦାୟିତ୍ୱ ନେବେ।ଆନ୍ତର୍ଜାତିକ ଯାତ୍ରୀଙ୍କ ପାଇଁ କେନ୍ଦ୍ର ସରକାର ଗାଇଡ ଲାଇନ ଜାରି କରିଛନ୍ତି। ଓଡ଼ିଶାକୁ ସିଧାସଳଖ ଭାବରେ ଅନ୍ତର୍ଜାତୀୟ ବିମାନ ଆସୁନାହିଁ। ତେଣୁ ଯଦି କିଏ ଆସୁଛି। ଗାଇଡ ଲାଇନ ହିସାବରେ ଟେଷ୍ଟ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।ତେଣେ କରୋନାର ପୁଣି ଏକ ସଂକ୍ରାମକ ଲହରରୁ ଦେଶକୁ ବଞ୍ଚାଇବାକୁ କେନ୍ଦ୍ର ସରକାରଙ୍କ ବଡ଼ ତୟାରି କରୁଛନ୍ତି। ଗତକାଲି ଆଡଭାଇଜରି ଜାରି ପରେ ଆଜି ଚୀନ୍ ଓ ଜାପାନ ଆଦି ୫ଟି ଦେଶରୁ ଆସୁଥିବା ଯାତ୍ରୀଙ୍କ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏଥିସହ ମେଡିକାଲ ଗୁଡ଼ିକରେ ଅକ୍ସିଜେନ୍ ସିଲିଣ୍ଡର ପ୍ରସ୍ତୁତ ରଖିବାକୁ ବି ସବୁ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ତେବେ କରୋନା ମୁକାବିକାର ବଡ଼ଅସ୍ତ୍ର- ଟିକାକରଣ କ୍ଷେତ୍ରରେ ପଛରେ ପଡ଼ିଛି ଓଡ଼ିଶା। ରାଜ୍ୟର ୫୯ ପ୍ରତିଶତ ଲୋକ ଏଯାଏଁ ବୁଷ୍ଟର ଡୋଜ୍ ନେବାକୁ ବାକି ଅଛନ୍ତି। ୧୮ ଓ ତା'ଠୁ ଅଧିକ ବର୍ଷ ବର୍ଗରେ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧ କୋଟି ୩୧ଲକ୍ଷ ଲୋକ ବୁଷ୍ଟର ଡୋଜ୍ ନେଇଛନ୍ତି। ଏବେ ବି ରାଜ୍ୟର ୧୨ଟି ଘରୋଇ ମେଡିକାଲରେ ଉଭୟ କୋଭାକ୍ସିନ ଓ କୋଭିସିଲ୍ଡ ଟିକା ୩୮୦ ଟଙ୍କାରେ ବିକ୍ରି ହେଉଛି। ପୁଣି କୋଭିଡ୍ ସଂକ୍ରମଣ ବଢୁଥିବା କଥା ଶୁଣି ଲକ୍ଷଣ ଥିବା ଲୋକେ ଟେଷ୍ଟିଂ ପାଇଁ ଆସୁଥିବାବେଳେ କେହି କେହି ପ୍ରିକସନ ଡୋଜ୍ ବି ନେଉଛନ୍ତି।ସେପଟେ ନଭେମ୍ବର ୨୯ ପରଠୁ ରାଜ୍ୟରେ ଠପ୍ ରହିଛି ସରକାରୀ ଟିକାକରଣ। ପୁଣି ଏହାକୁ ଚାଲୁ ପାଇଁ ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ।

## ହାତ ଲେଖା ମେଳାଇବା ପାଇଁ ଅର୍ଚ୍ଚନାଙ୍କ ଦସ୍ତଖତ ନେଲା ପୁଲିସ୍

ଭୁବନେଶ୍ୱର,୨୪।୧୨(ପି.ଏନ): ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗଙ୍କୁ ପୁଲିସ୍ ଗିରଫ କରିବାକୁ ଅନେକ ଦିନ ବିତିଲାଣି। ହେଲେ ଆଜି ପର୍ଯ୍ୟନ୍ତ ତା'ର ହସ୍ତାକ୍ଷର ନେଇନଥିଲା। ଆଜି କମିଶନରେଟ୍ ଅର୍ଚ୍ଚନାଙ୍କ ହସ୍ତାକ୍ଷର ନେଇଛି। ଅର୍ଚ୍ଚନାଙ୍କ ଡାଏରୀରେ ଲେଖା ସହ ହସ୍ତାକ୍ଷର ମେଳ କରିବାକୁ ଝାରପଡ଼ା ଜେଲ୍‌ରୁ ନମୁନା ଅଣାଯାଇଛି। ଯାହା ଫଳରେ ଏହି ମାମଲା କୋର୍ଟରେ ପ୍ରମାଣିତ କରିବାକୁ ପୁଲିସ ପାଖରେ ରହିବ ବଳିଷ୍ଠ ପ୍ରମାଣ।ସେପଟେ ଅର୍ଚ୍ଚନା ନାଗ ବିରୋଧରେ ୫୦୧ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି ନୟାପଲ୍ଲୀ ଥାନା ପୁଲିସ୍। ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ୩କୋଟି ଟଙ୍କାର ବ୍ଲାକମେଲ୍ କରିବା ମାମଲାରେ ଏହି ଚାର୍ଜସିଟ୍ ଦାଖଲ ହୋଇଛି। ଅକ୍ଷୟ ପରିଜାଙ୍କୁ ୩ କୋଟି ଟଙ୍କା ଡିମାଣ୍ଡ ସମ୍ବନ୍ଧୀୟ ପ୍ରମାଣ, ଡିଲ ବେଳର ପ୍ରମାଣ ଓ ଅନ୍ୟ କିଛି ପ୍ରମାଣ ସହ ଚାର୍ଜସିଟ୍ ଦାଖଲ କରିଛି ନୟାପଲ୍ଲୀ ଥାନା ପୁଲିସ୍।ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ୪ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି କୋର୍ଟ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୯ ଦିନ ରିମାଣ୍ଡ ନେଇ ପଚରାଉଚରା କରିଥିଲା ଇଡି।


ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
THE KALINGA CHRONICLE
Popular People's Daily of Odisha

WANTED

WE'RE HIRING



People's odia daily Paryabekhyak and English Daily The Kalinga Chronicle Published from Bhubaneswar, Odisha needs Accountants cum Office Assistant, DTP operators, Layout Designers, Visual editors, Content writters, Sub editors and Advertisement & Marketing Executives for Bhubaneswar office.

Also Reporters/Special Reporters Required at the Block/Tahasil/Sub division/District Level of Odisha for Odia daily Paryabekhyak and Correspondents/Special Correspondents for All Indian states and Union Territories including Major cities & Towns for English Daily The Chronicle .

Experienced candidates may send their CVs to the following contact No mentioning the post applied for and Place of Reporting

Send Us Your Resume:
9437588705(WhatsApp)
Email:editorpbkc@gmail.com







ପବିତ୍ର ବଡ ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-76
15001/13/0215/2223





ଓଡ଼ିଶା ସରକାର

ବଡ ଦିନ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-76
15001/13/0215/2223





ବାର୍ତ୍ତା

ପବିତ୍ର ବଡ଼ ଦିନ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଜନସାଧାରଣ ଓ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା


## ଆଗାମୀ ୨୬ରେ ବିଜେପି କରିବ ୪ ଘଂଟିଆ ସତ୍ୟାଗ୍ରହ

ଭୂବନେଶ୍ୱର, ୨୪।୧୨(ପି.ଏନ): ଆସନ୍ତା ୨୬ ତାରିଖରେ ସବୁ ମଣ୍ଡଳରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀ ତଳେ ୪ ଘଂଟିଆ ସତ୍ୟାଗ୍ରହ କରିବ ବିଜେପି । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ - ୨୩ ବର୍ଷରେ ବିଜେଡ଼ିର ନିରଙ୍କୁଶ ଶାସନରେ ଓଡିଶା ଅପରାଧୀଙ୍କ ଚରା ଭୂଇଁ ପାଲଟିଛି । ଶାନ୍ତି ପ୍ରିୟ ରାଜ୍ୟ ଓ ଜଗନ୍ନାଥ ସଂସ୍କୃତିରେ ଓଡିଶାର ସୁଖ୍ୟାତି ରହିଛି। ବିଜେଡ଼ି ଶାସନର ୨୩ ବର୍ଷର ଉପଲବ୍ଧି ହେଉଛି, ତାଙ୍କ ନେତା ଓ ମନ୍ତ୍ରୀ ହତ୍ୟା, ଯୌନ କେଳେଙ୍କାରୀ, ମହିଳା ବିରୋଧୀ ହିଂସାରେ ନା ଆସୁଛି ।




ପବିତ୍ର ବଡ଼ଦିନ ଉପଲକ୍ଷେ
ବାର୍ତ୍ତା

ପବିତ୍ର ବଡ ଦିନ ଉପଲକ୍ଷେ ମୁଁ ରାଜ୍ୟର ସମସ୍ତ ଜନସାଧାରଣ ବିଶେଷ କରି ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

'ବସୁଧୈବ କୁଟୁମ୍ବକମ୍' ଭାବକୁ ଅତୁଟ ରଖି ଆସନ୍ତୁ ସମସ୍ତେ ମିଶି ପ୍ରଭୁ ଯିଶୁଙ୍କର ଧରାବତରଣକୁ ଆନନ୍ଦ ଓ ଉଲ୍ଲାସ ସହକାରେ ପାଳନ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-76
15001/13/0215/2223








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କ୍ରିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ବଡ଼ଦିନ ଓ ଖ୍ରୀଷ୍ଟମାସ୍




ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପାଇଁ ସବୁଠୁଁ ବଡ଼ ପର୍ବ ହେଉଛି କ୍ରିସ୍‌ମାସ ବା ବଡ଼ଦିନ। କ୍ରିସ୍‌ମାସର ଅର୍ଥ ହେଉଛି କ୍ରାଇସ୍ଟସ୍ ମାସ। ଅର୍ଥାତ୍ ଯୀଶୁଙ୍କ ଜନ୍ମ ସମ୍ମାନରେ ସାମୂହିକ ପ୍ରାର୍ଥନା। ବାସ୍ତବରେ ଏହି ପର୍ବ ଏବେ ସାରା ବିଶ୍ୱର ଏକ ବୃହତ୍ ପର୍ବର ମାନ୍ୟତା ଲାଭ କରିଛି। ଯୀଶୁଙ୍କ ପୂର୍ବରୁ ୨୫ ଡିସେମ୍ବରରେ ରୋମ୍ ସାମ୍ରାଜ୍ୟର ସୂର୍ଯ୍ୟ ଦେବତା ଡାୟନୋସିୟସ୍‌ଙ୍କ ଉପାସନା କରାଯାଉଥିଲା। ପ୍ରଥମ ଶତାବ୍ଦୀଠାରୁ ଲୋକମାନେ ଡିସେମ୍ବର ୨୫କୁ ଯୀଶୁଙ୍କ ଜନ୍ମ ଦିବସ ଭାବେ ପାଳିବାକୁ ଆରମ୍ଭ କରିଥିଲେ। ଯୀଶୁଙ୍କ ଜନ୍ମ ପୂର୍ବରୁ ଈଶ୍ୱର ନିଜର ଜଣେ ଦୂତ ଗ୍ରାବିଏଲ୍‌ଙ୍କୁ ଧରାପୃଷ୍ଠକୁ ପଠାଇଲେ। ସେହି ଦୂତ ଯାଇ ମେରୀଙ୍କୁ କହିଲେ ଯେ ତାଙ୍କ ଔରସରୁ ଈଶ୍ୱରଙ୍କ ପୁତ୍ର ଜନ୍ମ ନେବ। ରୋମ୍‌ର ବିଶପ ଲିବେରିୟୁସ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମିଶି ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବରେ ପାଳନ କରିଥିଲେ। ଏହାପରେ ୪୩୨ ଖ୍ରୀଷ୍ଟାବ୍ଦରେ ପୁରାତନ ଜୁଲିୟନ୍ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୬ ତାରିଖରେ ଖ୍ରୀଷ୍ଟମାସ୍ ପାଳନ କରାଗଲା। ଏହାପରେ ଧୀରେ ଧୀରେ ସାରା ପୃଥିବୀରେ ଖ୍ରୀଷ୍ଟିଆନ୍‌ମାନେ ବଡ଼ଦିନ ପାଳନ କଲେ। ଷଷ୍ଠ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଏକ ପରମ୍ପରାର ରୂପ ନେବାକୁ ଆରମ୍ଭ କରିଥିଲା। ଭାରତ ସମେତ ଦୁନିଆର ଅଧିକାଂଶ ଦେଶରେ ଏହି ଉତ୍ସବ ୨୫ ଡିସେମ୍ବରରେ ପାଳନ କରାଯାଏ। ମାତ୍ର ରୁଷ, ଜର୍ଜିଆ, ମିଶର, ଅରମେନିଆ, ୟୁକ୍ରେନ୍ ଓ ସର୍ବିଆ ଆଦି ଦେଶରେ ଜାନୁଆରୀ ୭ ତାରିଖରେ ଏହାର ଆୟୋଜନ କରାଯାଏ।




ସେହି ଶିଶୁର ନାମ ଯୀଶୁ ହେବ। ସେ ଏମିତି ଏକ ସାମ୍ରାଜ୍ୟର ରାଜା ହେବ ଯେଉଁ ସାମ୍ରାଜ୍ୟର କୌଣସି ସୀମା ରହିବ ନାହିଁ। ହେଲେ ମେରୀ ଦ୍ୱନ୍ଦ୍ୱରେ ପଡ଼ିଗଲେ। କାରଣ ସେ କୁଆଁରୀ ଥିଲେ। ମାତ୍ର ଦେବଦୂତ କହିଲେ ଖୁବ୍‌ଶୀଘ୍ର ଏକ ପବିତ୍ର ଆତ୍ମା ତାଙ୍କ ନିକଟକୁ ଆସିବ ଏବଂ ତାଙ୍କୁ ଈଶ୍ୱର ଶକ୍ତିରେ ସମ୍ପନ୍ନ କରାଇବ।

ମେରୀଙ୍କ ଯୋଶେଫ ନାମକ ଜଣେ ଯୁବକ ସହ ବାହାଘର ହେଲା। ଦେବଦୂତ ସ୍ୱପ୍ନରେ ଆସି ଯୋଶେଫଙ୍କୁ କହିଲେ ଯେ ଖୁବ୍ ଶୀଘ୍ର ମେରୀ ଗର୍ଭବତୀ ହେବେ ତାଙ୍କ ଔରସରୁ ଈଶ୍ୱରଙ୍କ ପୁତ୍ର ଜନ୍ମ ନେବ। ତୁମେ ମେରୀର ଯତ୍ନ ନେବ। ସେତେବେଳେ ମେରୀ ଓ ଯୋଶେଫ ନାଜରଥରେ ରହୁଥିଲେ। ନାଜରଥ ଏବେକାର ଇସ୍ରାଏଲ୍‌ରେ ରହିଛି। ଯାହାକି ସେ ସମୟରେ ରୋମ୍ ସାମ୍ରାଜ୍ୟ ଅଧିନରେ ଆସୁଥିଲା। ତତ୍‌କାଳୀନ ରୋମର ରାଜା ଥିଲେ ଅଗଷ୍ଟସ୍। ସେ ଜନଗଣନା କରାଇବାକୁ ଚାହିଁଲେ। ସମସ୍ତଙ୍କୁ ବେଥେଲହାମ୍ ଆସି ନାମ ଲେଖାଇବା ଲାଗି କୁହାଗଲା। ବେଥେଲହାମର କାରଣ ପାରମ୍ପରିକ ଜୁଲିୟନ୍ କ୍ୟାଲେଣ୍ଡରର ଡିସେମ୍ବର ୨୫ ତାରିଖ ଅର୍ଥାତ୍ ବଡ଼ଦିନ ଗେଗୋରିଆନ୍ ଓ ରୋମାନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୭ ତାରିଖରେ ପଡ଼େ। ଖ୍ରୀଷ୍ଟମାସ୍ ଶବ୍ଦଟି-'ଖ୍ରୀଇଷ୍ଟସ୍' ଏବଂ 'ମାସ୍' ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି। ଖ୍ରାଇଷ୍ଟସ୍‌ର ଅର୍ଥ ଯୀଶୁଖ୍ରୀଷ୍ଟ ଏବଂ ମାସର ଅର୍ଥ ହେଲା ମିଳିତ ପ୍ରାର୍ଥନା।

୧୦୩୮ ଖ୍ରୀଷ୍ଟାବ୍ଦରେ ଏହାକୁ ଖ୍ରୀଷ୍ଟମାସ କୁହାଗଲା। ଷୋଡ଼ଶ ଶତାବ୍ଦୀରୁ ଖ୍ରାଇଷ୍ଟ ଶବ୍ଦକୁ ରୋମାନ୍ ଅକ୍ଷର 'ଡ' ଦ୍ୱାରା ଦର୍ଶାଇବାର ପରମ୍ପରା ଆରମ୍ଭ ହେଲା। ଏଥିପାଇଁ ଏବେ ଖ୍ରୀଷ୍ଟମାସ୍‌କୁ ଏକ୍ସମାସ ମଧ୍ୟ କୁହାଯାଉଛି। ଅଧିକ ଖ୍ରୀଷ୍ଟଧର୍ମାବଲମ୍ବୀ ଥିବା ଦେଶମାନଙ୍କରେ ଖ୍ରୀଷ୍ଟମାସ୍ ଏକ ବଡ଼ପର୍ବ। ତେବେ କେତେକ ଦେଶରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଏହି ପର୍ବ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଏ। ହଂକଂ, ମକାଓ, ଚୀନ, ଜାପାନ, ଦକ୍ଷିଣ ଆରବ, ଥାଇଲାଣ୍ଡ, ଆଲଜେରିଆ, ନେପାଳ, ଇରାନ, ତୁର୍କୀ ଏବଂ ଉତ୍ତର କୋରିଆ ଆଦିରେ କମ୍ ସଂଖ୍ୟକ ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ ମଧ୍ୟ ଏଠାରେ




ସବୁ ଧର୍ମଶାଳା ଓ ସର୍ବସାଧାରଣ ଗୃହ ଭରିଗଲା। ଯୋଶେଫ ଏବଂ ମେରୀ ମଧ୍ୟ ବେଥେଲହାମ୍ ଆସିଲେ। ଏଣେତେଣେ ବୁଲିବା ପରେ କେହୁକେହୁ ରହିବା ଲାଗି ଏକ ସ୍ଥାନ ମିଳିଲା। ସେଠାରେ କିଛି ମେଷପାଳକ ମେଷ ସହ ରହୁଥିଲେ। ସେଠିଠାରେ ଅର୍ଦ୍ଧରାତ୍ରରେ ଯୀଶୁଙ୍କ ଜନ୍ମ ହେଲା। ସେଠାକୁ ଜଣେ ଦେବଦୂତ ଆସିଲେ। ସେ ମେଷପାଳକଙ୍କୁ କହିଲେ ଏହି ନଗରୀରେ ଜଣେ ଦେବଦୂତ ଜନ୍ମ ନେଇଛନ୍ତି। ଯାହାଙ୍କର ନାମ ଯୀଶୁ। ଏହାପରେ ମେଷପାଳକମାନେ ଯାଇ ଯୀଶୁଙ୍କୁ ଦର୍ଶନ କଲେ ଏବଂ ଆଣ୍ଠୁମାଡ଼ି ତାଙ୍କୁ ପ୍ରଣାମ କଲେ। ବଡ଼ଦିନକୁ ସାରା ବିଶ୍ୱରେ ପ୍ରବଳ ହର୍ଷୋଲ୍ଲାସରେ ପାଳନ କରାଯାଏ। କାରଣ ଏହି ଦିନ ଈଶ୍ୱର ତାଙ୍କ ପୁତ୍ର ସମସ୍ତଙ୍କ କଲ୍ୟାଣ ପାଇଁ ପୃଥିବୀକୁ ଆସିଥିଲେ। ଇତିହାସରୁ ଜଣାଯାଏ-ପ୍ରଥମେ ୩୫୪ ଖ୍ରୀଷ୍ଟାବ୍ଦରେ ଖ୍ରୀଷ୍ଟମାସ୍ ଖୁବ୍ ଜୋରସୋରରେ ପାଳନ କରାଯାଏ। ଭାରତରେ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ପ୍ରଭାବ ଦେଖିବାକୁ ମିଳେ। ଜାପାନ ଓ କୋରିଆରେ ଏହି ଉତ୍ସବ ଅବସରରେ ବିଭିନ୍ନ ସଂସ୍କୃତିର ସଙ୍ଗମ ଦେଖିବାକୁ ମିଳେ।

ପୁରାତନ କ୍ୟାଥଲିକ୍ ପରମ୍ପରା ଅନୁଯାୟୀ ଖ୍ରୀଷ୍ଟମାସର ରାତିରେ ଛୋଟ ପିଲାମାନେ ଯୀଶୁଙ୍କ ନାମରେ ନିଜର ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତି ଲେଖି ନିଜ ଘର ଝରକାରେ ରଖି ଦେଉଥିଲେ। ବିଶ୍ୱାସ ଥିଲା ସ୍ୱର୍ଗଦୂତ ଏହି ପତ୍ର ଯୀଶୁଖ୍ରୀଷ୍ଟଙ୍କ ସହ ଭେଟ ହେବ। ଆଜି ମଧ୍ୟ କ୍ୟାଥଲିକ୍ ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳନ ରହିଛି।

-କୃଷ୍ଣପ୍ରିୟା ତ୍ରିପାଠୀ, କିରଣ ପାରିଜାତ ଏନକ୍ଲେଭ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ, E-mail : tripathy190krushnapriya@gmail.com

# ସ୍ମୃତିର ଆଇନାରେ ବିଶାଳ ହୃଦୟର ଅଟଳଜୀ





ଆଜି ହେଉଛି ସ୍ୱର୍ଗତଃ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଦିନ। ସ୍ୱର୍ଗତଃ ବାଜପେୟୀ କେବଳ ଜଣେ ରାଜନେତା ନଥିଲେ ସେ ଥିଲେ ଜଣେ ସାରସ୍ୱତ ସାହିତ୍ୟ ସ୍ରଷ୍ଟା, ପ୍ରବୀଣ ବାଗ୍ମୀ ଓ ଅଗାଧ ପାଣ୍ଡିତ୍ୟର ସମାହାର। ତେବେ କେବଳ ଓଡ଼ିଶା ନୁହେଁ ଭାରତ ସମଗ୍ର ବିଶ୍ୱରେ ସେ ତାଙ୍କର ଅନେକ ଜୀବନ୍ତ ବିଶାଳ ହୃଦୟର ସ୍ମୃତି ଛାଡ଼ି ଯାଇଛନ୍ତି ଯାହାକି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଚିରକାଳ ଲିପିବଦ୍ଧ ହୋଇ ରହିବ। ୧୯୯୯ ଓ ୨୦୦୪ରେ ଦୁଇ ଦୁଇଥର ଅଟଳଜୀ ନିର୍ବାଚନ ପ୍ରଚାରରେ କେନ୍ଦୁଝର ଜିଲ୍ଲା ଆସିଥିଲେ। ଦଳୀୟ ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀଙ୍କ ପାଇଁ ପ୍ରଚାର କରିବା ସମୟରେ ରତ୍ନାଗର୍ଭା କେନ୍ଦୁଝରର ମୁଖ୍ୟ ରାଜପଥର ବିପର୍ଯ୍ୟୟ ସ୍ଥିତି ତାଙ୍କ ଆଖିରେ ପଡ଼ିଥିଲା। ନିର୍ବାଚନ ପରେ କେନ୍ଦୁଝରର କାନପୁର ଜଳପ୍ରକଳ୍ପକୁ ଧାର୍ଯ୍ୟ ୩୨୮ କୋଟି ଟଙ୍କାରୁ ୬୨୫ କୋଟିକୁ ବୃଦ୍ଧି କରିଥିଲେ। ଏହାସହ ୨୧୫ନମ୍ବର ଜାତୀୟ ରାଜପଥର ବିକାଶ ଓ କେନ୍ଦୁଝରକୁ ରେଳ ସଂଯୋଗୀକରଣ ପାଇଁ ସମ୍ଭବ ହୋଇପାରିଛି। ସେହିପରି ଦ୍ୱିତୀୟ ସ୍ମୃତିଟି ହେଉଛି ସେହି ୧୯୯୯ ମସିହାର। ଅକ୍ଟୋବର ମାସର ଶୀତ ସମୟରେ ଆଜିର ବିଜୁ ମଇଦାନ କୁହାଯାଉଥିବା ପଡ଼ିଆରେ ନିର୍ବାଚନ ପ୍ରଚାର କରିଥିଲେ। ମେଣ୍ଟ ପ୍ରାର୍ଥୀ ତଥାଗତ ଶତପଥୀଙ୍କ ପାଇଁ ସେ ଭୋଟ ମାଗିଥିଲେ। ପରେ ତାଳଚେର କଲେଜ ପଡ଼ିଆରେ ବିଶାଳ ସାଧାରଣ ସଭାରେ ଦେବଗଡ଼ ପାଇଁ ପ୍ରାର୍ଥୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ଉପରୋକ୍ତ ଦୁଇ ଅଞ୍ଚଳ ପାଇଁ ଉନ୍ନୟନ ବିକାଶ ନିମିତ୍ତ ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା କରିଥିଲେ। ତୃତୀୟ ସ୍ମୃତିଟି ହେଉଛି ୧୯୯୮ ମସିହା ଅପ୍ରେଲ ମାସର। ବାଲେଶ୍ୱରର ସାଂସଦ ଖାରବେଳ ସ୍ୱାଇଁ ହଠାତ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ପାଇ ତୁରନ୍ତ ପହଞ୍ଚିଥିଲେ। ଖୋଦ ପ୍ରଧାନମନ୍ତ୍ରୀ ଅଟଳଜୀ ଖାରବେଳ ବାବୁଙ୍କ ନିର୍ବାଚନୀ ମଣ୍ଡଳୀ ଜଳେଶ୍ୱର, ଲକ୍ଷ୍ମଣନାଥ, ଗୋବରଘାଟି ଗାଁ ଓ ପଶ୍ଚିମବଙ୍ଗର ଏକ ସୀମାନ୍ତ ଗାଁ ଘୂର୍ଣ୍ଣିଛଡ଼ରେ ଧ୍ୱଂସବିଧ୍ୱଂସର ଖବର ଦେଲେ। ଏହାସହ ତୁରନ୍ତ ଲୋକଙ୍କ ବିପତ୍ତି ବେଳେ ତାଙ୍କ ପାଖରେ ପହଞ୍ଚିବା ପାଇଁ ମମତା ବାନାର୍ଜୀ, ତତ୍କାଳୀନ କୃଷି ରାଷ୍ଟ୍ରମନ୍ତ୍ରୀ ଓ ଖାରବେଳ ବାବୁଙ୍କ ପାଇଁ ବାୟୁସେନାର ସ୍ୱତନ୍ତ୍ର ବିମାନ ବ୍ୟବସ୍ଥା କରି ଘୂର୍ଣ୍ଣି ପ୍ରପୀଡ଼ିତଙ୍କ ପାଇଁ ପରବର୍ତ୍ତୀ ସମୟରେ ସହାୟତା ସହ ଭଙ୍ଗାଘରର ପୁର୍ନନିର୍ମାଣ କରାଯାଇଥିଲା। ସେହିପରି ୧୯୮୪ ଡିସେମ୍ବର ୩ ତାରିଖରେ ବିଜେପିର ସେ ସମୟର ରାଷ୍ଟ୍ରସଭାପତି ଥିବା ଅଟଳଜୀ ଗଞ୍ଜାମ ଗସ୍ତରେ ଥାଇ ବ୍ରହ୍ମପୁରରେ ସାଧାରଣ ବୈଠକରେ ଯୋଗ ଦେବାପରେ ଭଞ୍ଜନଗର ଅଭିମୁଖେ ବାହାରିଥିଲେ। କିନ୍ତୁ ଖାଦ୍ୟପ୍ରିୟ ଅଟଳଜୀଙ୍କୁ ଭୋକଲାଗିବାରୁ ତତ୍କାଳୀନ ଜିଲ୍ଲା ସାଧାରଣ ସମ୍ପାଦକ ନନ୍ଦକିଶୋର ସାହୁଙ୍କୁ କହିବାରୁ ସେ ସମୟର ରାଜ୍ୟ ଉପସଭାପତି ଉଦୟ ପାଳଙ୍କ ସହଯୋଗରେ ହିଞ୍ଜିଳରେ ରାତ୍ର ଭୋଜନ ବ୍ୟବସ୍ଥା ହୋଇଥିଲା। ମାତ୍ର ଦୁଇଖଣ୍ଡ ରୁଟି ଓ ପରିବା ତରକାରୀ ଖାଇ ରାନ୍ଧୁଣିଆକୁ ବେଶ ପ୍ରଶଂସା କରିବାକୁ ଭୁଲି ନଥିଲେ।

ସେହିପରି ଏକ ସ୍ମୃତି ରହିଛି ୧୯୮୪ ଡିସେମ୍ବର ୪ରେ। ଅଟଳଜୀ ଭଞ୍ଜନଗର ରସଲକୁଣ୍ଡ ଜଳ ଭଣ୍ଡାରକୁ ଲାଗି ଡାକବଙ୍ଗଳାରେ ରାତ୍ରି ଯାପନ କରିଥିଲେ। ପରଦିନ କନ୍ଧମାଳ ଅଭିମୁଖେ ଯାତ୍ରା କରିବା ବେଳେ ଦୂର ମୁଜାଗଡ଼ ନିକଟରେ ତାଙ୍କ ଗାଡ଼ି ପମ୍ପଚର ହେବାରୁ ନିକଟରେ ଥିବା ଏକ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ ତାଙ୍କ ସହିତ ଥିବା ଜିଲ୍ଲା ଉପାସଭାପତି ଶିବାନନ୍ଦ ତ୍ରିପାଠୀ। ତେବେ ଅଟଳଜୀ ମନ୍ଦିର ବ୍ରାହ୍ମଣଙ୍କୁ ଏଠାରେ ଦଳିତଙ୍କୁ ଦର୍ଶନ ସୁଯୋଗ ଅଛି ନା ନାହିଁ ବୋଲି ପଚାରିଥିଲେ। ପୂଜକ ଦଳିତଙ୍କୁ ଦର୍ଶନ ମନା ବୋଲି କହିବାରୁ ଅଟଳଜୀ ନିଜେ ଦର୍ଶନ ନକରି ଫେରିଆସିଥିଲେ। ସେହି ସମୟରେ ଫୁଲବାଣୀ ବୈଠକ ପରେ ବାଲିଗୁଡ଼ାରେ ପହଞ୍ଚି ବିଶ୍ରାମ ନେଉଥାନ୍ତି। ଡାକବଙ୍ଗଳା ବାହାରେ ଆଦିବାସୀ ଯୁବକ ଯୁବତୀମାନେ ବାଜପେୟୀଙ୍କୁ ସମ୍ବର୍ଦ୍ଧନା ଜଣାଇ ଢ଼େମସାର ତାଳେ ତାଳେ ନାଚ କରୁଥାନ୍ତି। ଏହି ବାଦ୍ୟ ଧ୍ୱନୀ ଶୁଣିବା କ୍ଷଣି ଅଟଳଜୀ ସେହି ଆଦିବାସୀ ଯୁବକ ଯୁବତୀଙ୍କ ସହ ଧିରେ ଧିରେ ପାଦ ମିଶାଇ ନାଚିଥିଲେ। ସେହିପରି ଏକ ଅଭୁଲା ସ୍ମୃତି ରହିଛି ସମ୍ବଲପୁରରେ। ଅଟଳଜୀ ଅନେକ ଥର ପଶ୍ଚିମ ଓଡ଼ିଶା ଆସିଛନ୍ତି। ୧୯୯୮ରେ ଲୋକସଭା ନିର୍ବାଚନ ପ୍ରଚାର ପାଇଁ ଝାରସୁଗୁଡ଼ାର ମନମୋହନ ସ୍କୁଲ ପଡ଼ିଆରେ ସାଧାରଣ ସଭାର ବ୍ୟବସ୍ଥା ହୋଇଥିଲା। ସେ ସମୟରେ ରାସ୍ତାଘାଟ ଖରାପ ଥିବାରୁ ସଭା ପଡ଼ିଆ ଠାରୁ ପାଞ୍ଚ କିଲୋମିଟର ଦୂର ପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟରେ ଦଳୀୟକର୍ମୀ ମାନେ ମାଇକ ଲଗାଇଥିଲେ। ଅଟଳଜୀ ଏହା ଜାଣିବା ପରେ ତାଙ୍କ ସ୍ୱଭାବସୁଲଭ କଣ୍ଠରେ କହିଥିଲେ 'ଆରଥରକୁ ଏଠାକାର ସବୁ ଲୋକଙ୍କ ଘରେ ଚୁଙ୍ଗା ଲଗାଇଦେବ, ଯାହାଦ୍ୱାରା ସମସ୍ତେ ଘରେ ବସି ଭାଷଣ ଶୁଣିବେ।' ୧୯୯୨ ଜାନୁଆରୀ ୨୨ରେ ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବା ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନକୁ ଜଣେ ଯୁବକ ହାଇଯାକ କରିନେଇଥିଲେ। ସେ ସମୟରେ ଉତ୍ତରପ୍ରଦେଶରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିରୋଧୀ ଦଳ ନେତା ଥିଲେ ଅଟଳ ବିହାରୀ ବାଜପେୟୀ। କେନ୍ଦ୍ରୀୟ ସହାୟତାରେ ମିଳିଥିବା ପନ୍ଦର ହଜାର ଟଙ୍କାରେ ଦୁଇବଖରା ପକ୍କା ଘରର କାନ୍ଥ ମାତ୍ର ଛଅଫୁଟରେ ଅଟକି ଯାଇଥିଲା। ବାବାଜୀ ବେଶ ଭରଷା କରି ଅଟଳଜୀଙ୍କୁ ତାଙ୍କ ଘର ତିଆରି ପାଇଁ ୨୦୦୩ ଜାନୁଆରୀ ୩୦ରେ ଏକ ଚିଠି ଲେଖିଥିଲେ। ମାତ୍ର ଦୁଇ ସପ୍ତାହ ପରେ ଜିଲ୍ଲା ପ୍ରଶାସନ ଓ ପୁଲିସର ତଦନ୍ତ ରିପୋର୍ଟ ଆଧାରରେ ବାବାଜୀଙ୍କ ପାଇଁ ଅଟଳଜୀ ପଚାଶ ହଜାର ଟଙ୍କାର ଡ୍ରାଫ୍ଟ ପଠାଇଥିଲେ। ଏହିପରି ସହୃଦୟ ମହାନ ବ୍ୟକ୍ତିତ୍ୱର ବିଶାଳ ପୁରୁଷ ଥିଲେ ଭାରତ ରତ୍ନ କୀର୍ତ୍ତି ପୁରୁଷ ଅମର୍ତ୍ତ୍ୟ ଅଟଳ ବିହାରୀ ବାଜପେୟୀ। ଭକ୍ତିପ୍ଲୁତ ଭାବରେ ଆଜି ତାଙ୍କ ଜନ୍ମ ଦିନ ଅବସରରେ ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**ସୌରଚନ୍ଦ୍ର ମହାପାତ୍ର**, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୦୦୪୪୬୬, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ: soura999mohapatra@gmail.com

# ୧୮ତମ ଧର୍ମଶାଳା ମହୋତ୍ସବ ୨୫ରୁ




ଧର୍ମଶାଳା (ପିଏନ୍): ଜାରକା ମେଲଣ ପଡ଼ିଆରେ ୨୫ ତାରିଖଠାରୁ ୧୮ତମ ଧର୍ମଶାଳା ମହୋତ୍ସବ ଆରମ୍ଭ ହେବ । ଏ ସଂପର୍କରେ ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସୂଚନା ଦିଆଯାଇଛି । କମିଟି ସଭାପତି ସଭାପତି ଜଳଧର ମହାନ୍ତି ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇ କହିଥିଲେ ଯେ, ମହୋତ୍ସବକୁ ଶକ୍ତି ଓ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିବେ । ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେବେ । ଉଦ୍‌ଘାଟନୀ ସନ୍ଧ୍ୟାରେ ପୁରୀର ଲିଙ୍ଗରାଜ କଳା ନିକେତନ ଓ ଚଣ୍ଡିଖୋଲର ବୀଣାପାଣି କଳା ପରିଷଦ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ । ସେହିପରି ୨୬ତାରିଖ ଦ୍ୱିତୀୟ ସନ୍ଧ୍ୟାରେ ଗାମର ବାଲୁଙ୍କେଶ୍ୱର ପଶୁମୁଖା ଓ ଘଣ୍ଟମୁର୍ଦଙ୍ଗ ନୃତ୍ୟକଳା ସଂସଦ, ଭୁବନେଶ୍ୱର ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ୍ ଓ ଧାନମଣ୍ଡଳର ଉଦୟମାନ କଳା ପରିଷଦ, ୨୭ରେ ସୁନ୍ଦରଗଡର କୁଦମାଳି ଝୁମର ସାଂସ୍କୃତିକ ଆଖଡା ଓ ଆନନ୍ଦପୁରର ବାବା ରଘୁନାଥ ଡ୍ୟାନ୍ସ ଗ୍ରୁପ୍, ୨୮ ତାରିଖ ସନ୍ଧ୍ୟାରେ ପୁରୀର ଗୋଟିପୁଅ ନୃତ୍ୟ ଓ ଦଶରଥପୁରର ଡଲଫିନ୍ ଡ୍ୟାନ୍ସ ଗ୍ରୁପ୍, ୨୯ରେ ଯାଜପୁରର ବିରଜା କଲଚରାଲ୍ ଏକାଡେମୀ ଓ ଭୁବନେଶ୍ୱରର ମେଲୋଡି ପୁରାନେ ଯାଦେଁ, ୩୦ତାରିଖ ସନ୍ଧ୍ୟାରେ ଆନନ୍ଦପୁର ବୀଣାପାଣି କଳାନିକେତନ ଓ ଯାଜପୁରର ଫ୍ରେଣ୍ଡସ୍ ମ୍ୟାଜିକ୍ ସୋ', ୩୧ରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା, ଜାନୁଆରୀ ୧ ତାରିଖରେ ବିଷ୍ଣୁ ମୋହନ କବି ଓ ବର୍ଣ୍ଣାଳୀ ହୋତା ନାଇଟ୍, ୨ରେ ପ୍ରଭୁପାଦ ଓ ଲୋପାମୁଦ୍ରା ନାଇଟ୍, ୩ ତାରିଖରେ ସତ୍ୟଜିତ୍ ଜେନା ନାଇଟ୍ ଓ ୪ ତାରିଖରେ ଅନନ୍ୟା ଓ ଶ୍ରୀତମ ନନ୍ଦ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାନୁଆରୀ ୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ, ରାଜସ୍ୱମନ୍ତ୍ରୀ ପ୍ରମିଳା ମଲିକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଯାପନୀ ସଂଧ୍ୟାରେ ଚାନ୍ଦବାଲିର ଡାଇମଣ୍ଡ୍ ଡ୍ୟାନ୍ସ ଗ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ ବୋଲି ସଦସ୍ୟ ଅଜୟ କୁମାର ନାୟକ ସୂଚନା ଦେଇଥିଲେ । ଚଳିତ ବର୍ଷ ମହୋତ୍ସବ ପଡ଼ିଆରେ ୩୦୦ରୁ ଅଧିକ ଷ୍ଟଲ୍ ଲାଗିବା ସହିତ ବିଭିନ୍ନ ଦୋଳି, ମୀନାବଜାର ଆଦି ଖୋଲାଯିବ । ଆସାମାଜିକ ଯୁବକଙ୍କ ଉପରେ ନଜର ରଖିବାକୁ ମହୋତ୍ସବ ପଡ଼ିଆ ସାରା ୩୦ଟି ସିସିଟିଭି କ୍ୟାମେରା ଲଗାଯିବ । ଶାନ୍ତିଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ଅଗ୍ନି ନିରାପତା, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଆଦି ବିଭିନ୍ନ ବ୍ୟବସ୍ଥା ପାଇଁ କମିଟି ପକ୍ଷରୁ ପ୍ରଶାସନର ସହାୟତା ନିଆଯାଇଛି । ସେହିପରି ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ ବୋଲି କୁହାଯାଇଥିଲା । ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ମହୋତ୍ସବ ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ । ସଦସ୍ୟ ପ୍ରଫୁଲ୍ଲ କୁମାର ସାହାଣି, ରବିନାରାୟଣ ସାହୁ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ରଘୁନାଥ ଦାସ, କାଶୀନାଥ ସାହୁ ଓ ଅନନ୍ତ ଚରଣ ପ୍ରଧାନ ଉପସ୍ଥିତ ଥିଲେ । ସହସମ୍ପାଦକ ଆନନ୍ଦ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ ।

# ଖ୍ରୀଷ୍ଟିୟ ମନ୍ତ୍ର



ବହୁ କାଳରୁ ଖ୍ରୀଷ୍ଟିଧର୍ମାବଲମ୍ବୀମାନେ ଏକ ପ୍ରକାର ମନ୍ତ୍ର ବ୍ୟବହାର କରିଆସୁଛନ୍ତି। ତାହାକୁ କୁହାଯାଏ ମାରାନାଥା। ଏହା ଉଚ୍ଚାରିତ ହୁଏ ଚାରିଥରରେ। ଯଥା : ମା-ରା-ନା-ଥା। ଏହା ହେଉଛି ସେଣ୍ଟ ପଲ୍‌ଙ୍କ ଚୂଡ଼ାନ୍ତ ଶୈକ୍ଷିକ ଶବ୍ଦ, ଯାହା ଖ୍ରୀଷ୍ଟିୟ ବାଇବେଲ୍‌ରେ ରହିଛି। ବାଇବେଲ୍‌ର ସମଗ୍ର ସାରକଥା ହେଉଛି 'ମାରାନାଥା'। ଏହାର ଅର୍ଥ ହେଉଛି; ଆସ ପ୍ରଭୁ। ମାରାନାଥା ମନ୍ତ୍ର ମନ ଭିତରେ ଯେତିକି ବେଗରେ ଉଚ୍ଚାରଣ କଲେ ମଧ୍ୟ କ୍ରମଶଃ ତାହା ଧୀର ହୋଇ ଆସେ। ନିଜକୁ ଏହି ମନ୍ତ୍ରର ଅର୍ଥ ବୁଝିବା ପାଇଁ ଛାଡ଼ି ଦିଆଯାଏ। ତାହା ଯେ କୌଣସି ଆଧ୍ୟାତ୍ମ ବା ଧର୍ମୀୟ ପ୍ରବଣତା ହେଉ ନା କାହିଁକି। ଏହାର ଉଚ୍ଚାରଣ ବେଳେ ପ୍ରକୃତ ପ୍ରଶାନ୍ତିକୁ ଅନୁଭବ କରିହୁଏ, ଯାହା ଶୁଦ୍ଧ ପୁନରାବୃତ୍ତି ମାଧ୍ୟମରେ ଆସିଥାଏ। ଏହି ମନ୍ତ୍ର ଆବୃତ୍ତି ବେଳେ ମନକୁ ସ୍ଥିର ରଖିବାକୁ ପଡ଼େ। ଏହି ମନ୍ତ୍ରକୁ ମନ ଭିତରେ ସମ୍ପୂର୍ଣ୍ଣ ଭାବେ ଆବୃତ୍ତି କରିସାରିଲେ, ଏହା ଶ୍ୱାସକ୍ରିୟାରେ ସୁନ୍ଦର ଭାବେ ସମନ୍ୱୟ ରକ୍ଷା କରେ। ନିରବରେ ମା-ରା-ନା-ଥା ସ୍ମରଣରେ ଅଲଗା ଅଲଗା ଭାବେ ନିଃଶ୍ୱାସରେ ସମନ୍ୱୟ ରହେ। 'ମା' ଉଚ୍ଚାରଣ ନିଃଶ୍ୱାସ ଗ୍ରହଣ ସହ କରିବାକୁ ହୁଏ, ଯେତେବେଳେ କି 'ରା' ନିଃଶ୍ୱାସ ଛାଡ଼ିବା, 'ନା' ନିଃଶ୍ୱାସ ଗ୍ରହଣ ଏବଂ 'ଥା' ନିଃଶ୍ୱାସ ଛାଡ଼ିବା ସହ କରିବାକୁ ପଡ଼ିଥାଏ। ଯେତେବେଳେ ଶ୍ୱାସକ୍ରିୟା ସହ ସମନ୍ୱୟ ରଖି ଏହି ମନ୍ତ୍ର ଉଚ୍ଚାରଣ କରାଯାଏ, ସେତେବେଳେ ମନେ ରଖିବାକୁ ହେବ ଯେ ନିଃଶ୍ୱାସ ନିର୍ବିଘ୍ନ, ଧୀର ଏବଂ ଶାନ୍ତ ହେବ । ଶ୍ୱାସପ୍ରକ୍ରିୟା ମଧ୍ୟରେ କୌଣସି ପ୍ରକାର ବିଶ୍ରାମ ବା ବିରତି ରହିବ ନାହିଁ। ମନ୍ତ୍ରର ପ୍ରତିଟି ଶବ୍ଦର ଉଚ୍ଚାରଣ ମନ ଭିତରେ ହିଁ ହେବ। ତାହା କୌଣସି ଭାବେ ଶ୍ୱାସକ୍ରିୟାର ସ୍ୱାଭାବିକତାକୁ ବାଧା ପହଞ୍ଚାଇବ ନାହିଁ। ତାହା ଫୁସ୍‌ଫୁସ୍, କଣ୍ଠ ଏବଂ ନାସାକେନ୍ଦ୍ରରେ ମଧ୍ୟ ବ୍ୟାଘାତ କରିବ ନାହିଁ ଯେପରି। ନିଜର ମନନଶୀଳତାକୁ ଖୁବ୍ ଶାନ୍ତ ଭାବେ ବକ୍ଷସ୍ଥଳରେ ବିଶ୍ରାମ ଦିଅନ୍ତୁ। ପାପୁଲିଏ ସ୍ଥାନରେ ତଳିପେଟର ଠିକ୍ ଉପର ଅଂଶରେ ଯେମିତି ତାହା ହୁଏ। ବୋଧଚେତନା, ଅନୁଭବ ଏବଂ ଶାନ୍ତି ସେଠାରେ ଯେପରି ବିରାଜମାନ ହୁଏ। ମନ୍ତ୍ରର ଅଭ୍ୟାସରେ ଦୃଢ଼ତା ଆଣିବା ପାଇଁ ପ୍ରତ୍ୟେହ ୪୦ ଦିନ କିମ୍ବା ଗୋଟିଏ ବର୍ଷ ପର୍ଯ୍ୟନ୍ତ ଉଦ୍ଦେଶ୍ୟମୂଳକ ଅଭ୍ୟାସରେ ରତ ରହିବାକୁ ହେବ। ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସରେ ଆରମ୍ଭ ଓ ଶେଷ କଲେ ଅତି ଉତ୍ତମ।

**-ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

# ଯୀଶୁଙ୍କ ଆବିର୍ଭାବ



ଦୁଇ ହଜାର ବର୍ଷ ପୂର୍ବେ ରୋମ ସାମ୍ରାଜ୍ୟର ଏକ ସହର ନାସରତରେ ଗ୍ରୋବିଏଲ ନାମକ ଜଣେ ଦେବଦୂତ ମେରିୟମ୍‌ଙ୍କୁ ଦର୍ଶନ ଦେଇ କହିଥିଲେ ଯେ, ସେ ଏକ ଦିବ୍ୟ ତଥା ପବିତ୍ର ଆତ୍ମାକୁ ଗର୍ଭରେ ଧାରଣ କରିବେ ଏବଂ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେବେ। ସେହି ପବିତ୍ର ଆତ୍ମାଙ୍କ ନାଁ ହେବ ପ୍ରଭୁ ଯୀଶୁ। ଏହି ସମୟରେ ୟୁସୁଫଙ୍କ ସହିତ ମେରିକମ୍‌ଙ୍କ ନିର୍ବନ୍ଧ ହୋଇଯାଇଥିଲା। ଦେବଦୂତଙ୍କ ଏହି ସନ୍ଦେଶକୁ ମେରିୟମ ୟୁସୁଫଙ୍କୁ କହିଥିଲେ। ୟୁସୁଫ୍ ଚମକି ପଡ଼ିଲେ। ଦିବ୍ୟ ଆତ୍ମା କଥା ଶୁଣି ଭୟଭୀତ ହୋଇଗଲେ। ଆଉ ତୁରନ୍ତ ନିର୍ବନ୍ଧକୁ ବାଜ୍ୟାପ୍ତ କରି ମେରିୟମ୍‌ଙ୍କୁ ଜୀବନରୁ ଭୁଲିଯିବା ପାଇଁ ନିଷ୍ପତ୍ତି ନେଲେ। ସ୍ୱର୍ଗଦୂତ ଏକଥା ଜାଣିବା ପରେ ୟୁସୁଫ୍‌ଙ୍କୁ ଦର୍ଶନ ଦେଇ ତାଙ୍କର ନିଷ୍ପତ୍ତି ବଦଳାଇବା ପାଇଁ କହିବା ସହିତ ମେରିଙ୍କୁ ବିବାହ କରିବାକୁ ଆଦେଶ ଦେଇଥିଲେ। ଦିବ୍ୟ ଆତ୍ମା ଅର୍ଥାତ୍ ସ୍ୱୟଂ



ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି ବୋଲି ସମସ୍ତେ ଉତ୍ସାହିତ ହୋଇଗଲେ। ଆନନ୍ଦରେ ନାଚି ଉଠିଲେ। କିଏ କ'ଣ ସବୁ ଭାବିଲା ତାହାର ଆଉ କଳନା ନାହିଁ। ଏଥିରୁ ରୋମ୍ ସମ୍ରାଟ ବି ବାଦ ପଡ଼ିଲେ ନାହିଁ। ମେରିୟମ୍‌ଙ୍କ ଗର୍ଭଧାରଣ ସମୟରେ ରୋମ ସାମ୍ରାଜ୍ୟର ଜନଗଣନା ହେବା ବୋଲି ସମ୍ରାଟ ଆଦେଶ ଦେଲେ। ଆଦେଶ ଅନୁସାରେ ୟୁସୁଫ ମେରିୟମ୍‌ଙ୍କୁ ନେଇ ଜନଗଣନା ପାଇଁ ଜେରୁଜେଲମ୍‌ର ବେଥଲହମ ସହର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଥିବା ଯାତ୍ରୀ ଶିବିରରେ ସ୍ଥାନ ନଥିବାରୁ ୟୁସୁଫ୍ ଓ ମେରି ଏକ ଗୋ'ଶାଳାରେ ରାତ୍ରୀ ଯାପନ କରିଲେ। ସେଠାରେ ହିଁ ମେରିୟମ ସେଇ ଦିବ୍ୟାତ୍ମାଙ୍କୁ ଶରୀର ଭାବେ ଜନ୍ମ ଦେଇଥିଲେ। ଏହାପରେ ଘାସକୁଟା ଦ୍ୱାରା ପ୍ରସ୍ତୁତ ଏକ ଚଟେଇରେ ନବଜାତ ଶିଶୁପୁତ୍ରକୁ ଶୁଆଇ ଦେଇଥିଲେ। ପୂଣ୍ୟାତ୍ମା ପ୍ରଭୁ ଯୀଶୁଙ୍କ ଜନ୍ମ ଖବର ଜାଣିବା ପରେ ଦେବଦୂତ ଏବଂ ନିକଟତମ ସହରର ୩ଜଣ ବିଦ୍ୱାନ ଜ୍ୟୋତିଷ ତାଙ୍କ ଦର୍ଶନ ପାଇଁ ଆସିଥିଲେ। ଆକାଶର ଏକ ଉଜ୍ଜ୍ୱଳ ତାରା ସେହି ୩ ଜଣ ଜ୍ୟୋତିଷଙ୍କୁ ଜେରୁଜେଲମ୍ ଠିକଣା ବତାଇଥିଲା ବୋଲି ବାଇବେଲରେ ଉଲ୍ଲେଖ ରହିଛି। ସେଇଠୁ ରୋମାନ କ୍ୟାଲେଣ୍ଡରରେ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହେଲା। ଅନେକ କାହାଣୀ, ଲୋକ କଥା ଏଥିରେ ଯୋଡ଼ି ହୋଇଗଲା। ସେହିଦିନଠୁ ଆମେ ତାଙ୍କ ଜନ୍ମ ଦିନକୁ ପାଳୁଛୁ ବଡ଼ଦିନ ଭାବେ।

**ଗୋପୀନାଥ ଦାଶ**, କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଡିସେମ୍ବର ୨୫

# ତର୍କ ଓ ସତ୍ୟ–୧

***ସତ୍ୟ ଚିରନ୍ତନ, ଶାଶ୍ୱତ । ସତ୍ୟର ପରିବର୍ତ୍ତନ, ବିକଳ୍ପ ନଥାଏ ! ହେଲେ ମିଥ୍ୟାକୁ ବିତର୍କ ମାଧ୍ୟମରେ ସତ୍ୟରେ ପରିଣତ କରି ପରିବର୍ତ୍ତିତ, ବିକଳ୍ପିତ କରିବା ସମ୍ଭବ !!***



ବିଚାରାଳୟରେ ସତ୍ୟକୁ ପ୍ରମାଣିତ କରାଇବା ପାଇଁ ତର୍କ ମାଧ୍ୟମରେ ବିଭିନ୍ନ ଯୁକ୍ତି, ବାଦାନୁବାଦ, ପ୍ରମାଣ, ସାକ୍ଷୀ ଏବଂ ଆହୁରି ଅନେକ କୌଶଳ ବ୍ୟବହାର କରାଯାଇଥାଏ । ମୁଖ୍ୟତଃ ଦୁଇ ଗୋଷ୍ଠୀଙ୍କ ତର୍କ ମଧ୍ୟରୁ ନିଷ୍କର୍ଷ ବାହାର କରି ସତ୍ୟର ଆନୁମାନିକ ଅନୁସନ୍ଧାନ କରିଥା'ନ୍ତି ବିଚାରପତି । ଶେଷରେ ବିଚାରପତିଙ୍କ ମନକୁ ପାଇଲା ଭଳି କୌଣସି ନିଦର୍ଶନ ଦେଖାଗଲେ ତାକୁହିଁ ସତ୍ୟ ବୋଲି ଧରି ନିଆଯାଇଥାଏ । କିନ୍ତୁ ବାସ୍ତବରେ ତାହା ସତ୍ୟ କି ନୁହେଁ, ସାଧାରଣରେ ଜାଣି ନହେଲେ ମଧ୍ୟ, ବିଚାରପତିଙ୍କ ଆଦେଶକୁ ସତ୍ୟ ବୋଲି ଗ୍ରହଣ କରାଯାଉଥିବା ସାମାଜିକ ନ୍ୟାୟିକ ବ୍ୟବସ୍ଥାର ଆଦି, ଅନ୍ତର ରୂପରେଖ ବିଷୟରେ ସାଧାରଣ ଲୋକଙ୍କ ଗ୍ରହଣୀୟତା ଏକ ଭିନ୍ନ ଦୃଷ୍ଟିରେ ଦେଖିବାକୁ ମିଳେ । ବିଚାରପତିଙ୍କ ଶେଷ ନିଷ୍ପତ୍ତି କୌଣସି ମାନବୀୟ ବିଚାରଧାରା ଜଡିତ କମ୍ ଥିବା ବେଳେ ପୂର୍ବଲିଖିତ କେତେକ ଆଇନସମ୍ମତ ବିଚାର ଓ ଗ୍ରହଣୀୟତା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ସେହି ଆଇନଗୁଡିକ ଭାରତୀୟ ବିଚାରଧାରା, ମାନବିକ ଚରିତ୍ରର କୌଣସି ବିଷୟ ଆଧାରିତ ନହୋଇ ଇଂରେଜ ମାନ୍ୟତା ହୋଇଥିବା ବେଳେ ସେଗୁଡିକୁ ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ କରାଯାଉଥିବା କେତେଦୂର ଯୁକ୍ତିଯୁକ୍ତ ବିଚାରବିହୀନ ଆମ ସାମାଜିକ ପରିସ୍ଥିତିର ରୂପରେଖ ବିଷୟରେ ସମସ୍ତଙ୍କୁ ପ୍ରାୟତଃ ଜଣା ନ ଥିବ । କୌଣସି ଏକ ସମୟରେ ସେହି ଇଂରେଜ ଆଇନଗୁଡିକର ନକଲ ଭାରତୀୟ ସମ୍ବିଧାନରେ ଯୋଡିଦେଇଥିବା ଆମ ପୂର୍ବଜଙ୍କ କିଛି ଅଭାବନୀୟତା ସାବ୍ୟସ୍ତ କରୁଛି, ନା କୌଣସି ଉଦ୍ଦେଶ୍ୟ ଜଡିତ, ଭାବ ବହିର୍ଭୂତ ଉପସ୍ଥିତ ସମୟର ଭାରତୀୟଙ୍କ ଗତିବିଧି ଉପରେ କୌଣସି ବିଚାରଯୁକ୍ତ ତର୍ଜମା ନାହିଁ କେଉଁଠାରେ ? କେବଳ ବ୍ୟକ୍ତିକେନ୍ଦ୍ରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଲିଆସୁଥିବା ଭାରତୀୟ ସମ୍ବିଧାନ ପରୋକ୍ଷରେ ସେହି ବିଦେଶୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଜ୍ଞାନଶୂନ୍ୟ ସାଧାରଣ ଜନତାଙ୍କ ବଂଚିବା ଶୈଳୀ ଏକ ଭିନ୍ନ ଦିଗରେ ପରିଲକ୍ଷିତ ହୋଇଥାଏ ଆମ ଦେଶରେ । ତାର୍କିକ ଉପସ୍ଥାପନା ଏବଂ ସତ୍ୟ ଉପରେ ଆଧାରିତ ପ୍ରମାଣ ମଧ୍ୟରେ ପାର୍ଥକ୍ୟ ଏବଂ ଦୂରତା କେତେ ବିଚାର କରିବା...

ମିଥ୍ୟାକୁ ସତ୍ୟରେ ପରିଣତ କରିବା ତର୍କକୁ ତର୍କ ବୋଲି କୁହାଯାଇପାରିବ ନାହିଁ । ତାହା ବିତର୍କ ଅଟେ ଯାହା ବ୍ରିଟିଶ ପ୍ରଣୋଦିତ ଆମ ସାମ୍ବିଧାନିକ ନ୍ୟାୟାଳୟକୁ ଶୋଭାମଣ୍ଡିତ କରି ରଖିଅଛି ଅଦ୍ୟାବଧି । ସେହି ବିତର୍କ ମାଧ୍ୟମରେ ବିଦେଶୀ ଆମ ଦେଶ ଲୋକଙ୍କୁ ପ୍ରତାରିତ କରିବା ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ଆମ ନିଜ ଲୋକେ ଆମକୁ କ'ଣ କରୁଛନ୍ତି ସେହି ବିତର୍କିତ ଆଇନଗୁଡିକ ମାଧ୍ୟମରେ ?! ସେହି ବିତର୍କିତ ଆଇନ ତଥା ମିଥ୍ୟାବାଦୀ ସ୍ୱାର୍ଥାନ୍ୱେଷୀ ବିଚାରଧାରା କାହାକୁ ଛାଡ଼ିନାହିଁ ଏପର୍ଯ୍ୟନ୍ତ ! ସତ୍ୟକୁ ଗ୍ରହଣ କରିବା ଆଜି ସମୟରେ ଏକରକମ ଅସମ୍ଭବ, ଅସହ୍ୟ ହୋଇପଡିଛି ସାଧାରଣ ନିର୍ବୋଧ ମଣିଷଙ୍କ ପାଖରେ । ମିଥ୍ୟା ଯୁଗର ପ୍ରହେଳିକା ଏବଂ ଅଜ୍ଞାନ ଚତୁର ଷଡ଼ଯନ୍ତ୍ରୀଙ୍କ ପ୍ରରୋଚନା ସାଧାରଣ ମଣିଷ ମାନସରେ ଏମିତି ସଂଲଗ୍ନ ହୋଇ ରହିଛି ଯେ ସେଗୁଡିକୁ ବଦଳାଇବା ଅସମ୍ଭବ ହୋଇପଡୁଛି ଆଜି ସମୟରେ ! ମିଥ୍ୟାର ପ୍ରଖର ପ୍ରବକ୍ତାଗଣ ସମଗ୍ର ସମାଜକୁ ବ୍ୟାପାର ମୁଖରିତ କରି ନିଜସ୍ୱ ସ୍ୱାର୍ଥ ଦିଗରେ ବ୍ରତୀ ହେଉଥିବା ବେଳେ ସାଧାରଣ ନିର୍ବୋଧ ସେଗୁଡିକୁ ବୁଝି ନପାରି ସତ୍ୟ ବୋଲି ଗ୍ରହଣ କରି ବାସ୍ତବ ସତ୍ୟକୁ ମିଥ୍ୟା ବୋଲି ବିଚାରୁଛନ୍ତି । ଏହିଭଳି ଏକ ପରିସ୍ଥିତି, ପରିବେଶ ସୃଷ୍ଟି ହୋଇଛି ଆଜି ସମୟରେ ଯେ ସମସ୍ତେ ପ୍ରାୟତଃ ମିଥ୍ୟାବାଦୀ, ମିଥ୍ୟାଚାରୀ ଭଳି ଜୀବନ ବିତାଉଛନ୍ତି ଏବଂ ସେଇଥିରୁ ହିଁ ତୃପ୍ତି, ଆନନ୍ଦ ପାଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ! ମିଥ୍ୟାକୁ ମାଧ୍ୟମ କରି ରୋଜଗାର କରି ନିଜର ଧନ, ସମ୍ପତ୍ତି ବୃଦ୍ଧି କରିବା ସହିତ ସାମାଜିକ ସମ୍ମାନ ଇତ୍ୟାଦି ମଧ୍ୟ ହାସଲ କରାଯାଇପାରୁଥିବା ହେତୁ ମିଥ୍ୟା ଆଜି ସମୟରେ ଏକ ଅମୋଘ ଅସ୍ତ୍ର ପାଲଟିଛି ସମସ୍ତଙ୍କର ! ତେଣୁ ସତ୍ୟ ଆଜି କୋରଡରେ ପଶି ରହିଛି ଆତ୍ମଗୋପନ କରି । କଳି ଯୁଗ ପରେ ମିଥ୍ୟା ଯୁଗର ଆବିର୍ଭାବ ହେଲା ପ୍ରଥମେ ମୋଗଲ ଏବଂ ତା'ପରେ ବ୍ରିଟିଶମାନଙ୍କ ଆଗମନ, ଶାସନ ପରେ । ଆମ ଦେଶ ଲୋକେ କିନ୍ତୁ ତାହାର ବାସ୍ତବ ଚିତ୍ର ନପାଇ ଅଦ୍ୟାବଧି କଳି ଯୁଗ ଚାଲିଛି ବୋଲି ଭାବୁଛନ୍ତି ଯାହା ଆମର ସମ୍ପୂର୍ଣ୍ଣ ନିର୍ବୋଧତା । ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କାରରେ ଜଡିତ ସତ୍ୟ ଏବଂ ତର୍କ ବିଷୟରେ କୌଣସି ଚେତନା ଜ୍ଞାନ ନାହିଁ କାହାର । ଅତଏବ ଭାରତୀୟ ସତ୍ୟବାଦୀ ବିଚାରଧାରା ଏବଂ ତାର୍କିକ ବିଚାର କ'ଣ ଥିଲା ଏବଂ ସେଗୁଡିକୁ କିପରି ପରିବର୍ତ୍ତନ କରି ବ୍ରିଟିଶ ବିଚାରଧାରାରେ ପରିବର୍ତ୍ତିତ କରାଗଲା ଯାହା ଆମକୁ ଏପର୍ଯ୍ୟନ୍ତ ଛାଡୁନାହିଁ ବିଚାର କରି ଦେଖିବା...

ସତ୍ୟ ସବୁବେଳେ ଶାଶ୍ୱତ, ଚିରନ୍ତନ । ସତ୍ୟର ପଥ ନିର୍ମଳ, ଅପରିବର୍ତ୍ତିତ । ଭାରତୀୟ ସଂସ୍କାର ସବୁବେଳେ ଲୋକଙ୍କୁ ସତ୍ୟପଥରେ ପରିଚାଳିତ କରାଇ ସମାଜରେ ବାସ୍ତବ ସତ୍ୟ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଥିଲା । ଅନୁରୂପ ତର୍କ ମାଧ୍ୟମରେ କେତେକ ଅଜଣା ବିଷୟକୁ ଅନୁସନ୍ଧାନ, ବ୍ୟବଚ୍ଛେଦ କରି ପ୍ରକୃତ ସତ୍ୟର ଉନ୍ମୋଚନ କରିବା ଲକ୍ଷ୍ୟ ରହିଥିଲା । ସେହି ଦୁଇଟି ବିଷୟକୁ ବ୍ରିଟିଶ ସମ୍ବଳିତ ବ୍ୟବସ୍ଥା ଏମିତି ଏକ ବିକୃତ ପଥରେ ପରିଚାଳିତ କରି ବିପରୀତମୁଖୀ ବ୍ୟବସ୍ଥା କଲେ ଯେ ତାହା ଏପର୍ଯ୍ୟନ୍ତ ଆମକୁ ନ ଛାଡି କେବଳ ନିମ୍ନଗାମୀ କରିବାରେ ଯଥେଷ୍ଟ ସହାୟକ ହୋଇଚାଲିଛି ଯାହା ଆମ ଦେଶ ସାଧାରଣ ଲୋକେ ଏପର୍ଯ୍ୟନ୍ତ ବୁଝିପାରୁନାହାନ୍ତି । ବ୍ରିଟିଶ ବ୍ୟବସ୍ଥା କେବଳ ମିଥ୍ୟାକୁ ସତ୍ୟରେ ପରିଣତ କରି ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିବା ଏବଂ ସେମାନଙ୍କୁ ଶୋଷଣର ଶିକାର କରି ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟ ରଖି ସମାଜରେ ବିତରିତ ତତ୍ତ୍ୱ, ତଥ୍ୟଗୁଡିକ ଏପର୍ଯ୍ୟନ୍ତ ପ୍ରଚଳିତ ରହିଛି ଆମ ଦେଶରେ । ସ୍ମରଣିକା ନଷ୍ଟ ହେବା ଦ୍ୱାରା ମଣିଷ ଅତ୍ୟଧିକ ମିଥ୍ୟାବାଦୀ ହୋଇଥା'ନ୍ତି ଯାହା ସାଧାରଣ ମଣିଷଙ୍କ କ୍ଷେତ୍ରରେ ପ୍ରାୟୋଜିତ ଭାବେ ପ୍ରସାର କରାଯାଉଥିବା ଦୁଃଖଦ ବିଷୟର କୌଣସି ସମୀକ୍ଷା, ତର୍ଜମା ନାହିଁ କାହା ପାଖରେ । ପୁଣି ବିତର୍କ ଦ୍ୱାରା ମିଥ୍ୟାକୁ ସତ୍ୟ ସାବ୍ୟସ୍ତ କରି ବ୍ୟବସାୟ ମାଧ୍ୟମରେ ନିଜସ୍ୱ ସ୍ୱାର୍ଥ ହାସଲ କରିବା ଏବଂ ସାଧାରଣ ଲୋକଙ୍କୁ ପ୍ରତାରିତ କରି ଶୋଷଣର ଶିକାର କରିବା ଉଦ୍ଦେଶ୍ୟ ଜଡ଼ିତ ଥିଲେ ଯାହା ଆଜି ସମୟରେ ତୀବ୍ରତର ରୂପ ଧାରଣ କରି ସ୍ୱଦେଶୀ କୁଚକ୍ରାନ୍ତକାରୀଙ୍କ ମାଧ୍ୟମରେ ସମାଜରେ ପ୍ରଚାର ପ୍ରସାର କରାଯାଉଅଛି । ସାଧାରଣ ନିର୍ବୋଧ ପୂର୍ବସ୍ମୃତିଗୁଡିକୁ ପାଶୋରି ଦେଇ ସେମାନଙ୍କ ସମୟସାପେକ୍ଷ ମଧୁର ବଚନରେ ବିମୁଗ୍ଧ ନିଜର ସ୍ଥିତି ବୁଝି ନ ପାରି ପ୍ରତାରିତ ହୋଇଚାଲିଥିବା ଦୁଃଖଦ ପରିସ୍ଥିତି ହୁଏତ ଆଉ କେଉଁଠି ଥିବ କି ନାହିଁ ସନ୍ଦେହ । ଅର୍ଥାତ୍ ଏମାନଙ୍କ ପ୍ରତାରଣାପୂର୍ଣ୍ଣ ମିଥ୍ୟା ଏବଂ ତାର୍କିକ ଆଲୋଚନାଗୁଡିକୁ ନିଜସ୍ୱ ଚେତନା ଜ୍ଞାନରେ ତର୍ଜମା ନକରି କେବଳ ଗଣମାଧ୍ୟମରେ ପ୍ରଚାରିତ, ମିଥ୍ୟାଜଡିତ ତାର୍କିକ ବିଷୟଗୁଡିକୁ ଅନ୍ତରଣୀୟ କରି ଜୀବନ କ୍ଷୀଣ କରି ଚାଲିଥିବା ଭାରତୀୟଙ୍କ ସ୍ଥିତି କ'ଣ ଦେଖିବା...*(କ୍ରମଶଃ)*

**–ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ-୭୬୧୦୨୦, ଦୂରଭାଷ: ୯୪୩୭୩୨୪୯୧୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଅଶାନ୍ତିର ମେରୁରେ ପେରୁ

**ସୌମେନ୍ଦ୍ର ଜେନା**

ଲାଟିନ ଆମେରିକାର ପଶ୍ଚିମ ଉପକୂଳର ଦେଶ ପେରୁ ଏବେ ଅଶାନ୍ତିର ମେରୁ ଉପରେ ଛିଡା ହୋଇଛି । ବାରମ୍ବାର ଦେଶର ନେତୃତ୍ୱ ବଦଳିବା ଲୋକମାନଙ୍କ ଅଶାନ୍ତିକୁ ବଢାଇ ଦେଇଛି । ୭ ଡିସେମ୍ବର ଦିନ ଦେଶର ରାଷ୍ଟ୍ରପତି ପେଡ୍ରୋ କାଷ୍ଟିଲୋଙ୍କୁ ମହାଭିଯୋଗ ମାଧ୍ୟମରେ କ୍ଷମତାଚ୍ୟୁତ କରିବା ପରେ ତାଙ୍କ ବିରୁଦ୍ଧରେ ବିଦ୍ରୋହ ଏବଂ ଷଡଯନ୍ତ୍ର ଅଭିଯୋଗ ଅଣାଯାଇ ଗିରଫ କରାଯାଇଛି । ଏହା ପରେ ପରେ ସାରା ଦେଶରେ କାଷ୍ଟିଲୋଙ୍କ ସମର୍ଥକଙ୍କ ସହ ଜନସାଧାରଣ ବର୍ତ୍ତମାନର ଅବ୍ୟବସ୍ଥା ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି । ରାଜଧାନୀ ଲିମାସ୍ଥିତ ସଂସଦୀୟ ଭବନ ବାହାରେ ଲୋକେ ବିକ୍ଷୋଭ କରିବା ସହ ନୂତନ ରାଷ୍ଟ୍ରପତି ବୋଲୁଆର୍ତ୍ତେଙ୍କ ଇସ୍ତଫା ଦାବି କରୁଛନ୍ତି । କଂଗ୍ରେସର ଅଧିବେଶନ ଚାଲିଥିଲା ବେଳେ ସାଂସଦମାନଙ୍କ ମଧ୍ୟରେ ହାତାହାତି ହେବା ଯୋଗୁ ଅଧିବେଶନ ବାତିଲ କରାଯାଇଛି । ଦେଶରେ ଗ୍ୟାସ, ସାର ପରି ଆବଶ୍ୟକ ବସ୍ତୁଗୁଡିକର ଦ୍ରୁତ ମୂଲ୍ୟବୃଦ୍ଧି ବେଳେ ସରକାର ଏସବୁକୁ ନିୟନ୍ତ୍ରଣ କରିବା ବଦଳରେ ଦୃଷ୍ଟି ହଟାଇବା ପାଇଁ ଏଭଳି ଉଦ୍ୟମ କରିଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ ଆଣିଛନ୍ତି । କାଷ୍ଟିଲୋଙ୍କ କମ୍ୟୁନିଷ୍ଟ ସମର୍ଥକମାନେ ଆନ୍ଦୋଳନ କରିବା କଥା ସରକାରଙ୍କ ପକ୍ଷରୁ କୁହାଯାଇଛି । ପେରୁର ଦ୍ୱିତୀୟ ବଡ ସହର ଅରେକ୍ୟୁପାଠାରେ ବିମାନବନ୍ଦରକୁ ଆନ୍ଦୋଳନକାରୀମାନେ ଦଖଲକୁ ନେଇଛନ୍ତି । ଦେଶର ଦକ୍ଷିଣରେ ଥିବା ଅନ୍ୟ ଏକ ସହର ଅନ୍ଦାହୁୟଲାସଠାରେ ପୁଲିସର ଗୁଳିଚାଳନା ଯୋଗୁ ଅନେକ ମୃତାହତ ହୋଇଥିବା ଖବର ମିଳିଛି । ଅପୁରିମାକ ସହରରେ ବିକ୍ଷୋଭକାରୀମାନେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ସରକାର ବିରୋଧୀ ବିକ୍ଷୋଭ କ୍ରମଶଃ ଦଙ୍ଗାଗୋଳ ଆଡକୁ ମୁହାଁଇଥିବାରୁ ପ୍ରତିରକ୍ଷା ମନ୍ତ୍ରୀ ଆଲବର୍ଟୋ ଓଟାରୋଲା ଦେଶରେ ୩୦ଦିନ ପାଇଁ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି । ୭ ଡିସେମ୍ବର ଦିନ ନିଯୁକ୍ତ ନୂଆ ରାଷ୍ଟ୍ରପତି ଦିନା ବୋଲୁଆର୍ତ୍ତେ ଦୁର୍ନୀତିଗସ୍ତ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏପ୍ରିଲ ୨୦୨୪ରେ ହେବାକୁ ଥିବା ନିର୍ବାଚନକୁ ଖୁବ୍ ଶିଘ୍ର କରିବା ଲାଗି ଏବେ ଦାବି ଉଠିଲାଣି ।

ପେରୁରେ ପୁଲିସର ଅଭଦ୍ର ବ୍ୟବହାର, ମହିଳା ଓ ଝିଅମାନଙ୍କ ଅଧିକାର, ଦିବ୍ୟାଙ୍ଗ ଅଧିକାର, ସଶସ୍ତ୍ର ଗୋଷ୍ଠୀମାନଙ୍କ ଦ୍ୱାରା ଅତ୍ୟାଚାର । ଭୋଟ ଦେବା ଅଧିକାର ଏବଂ ନିର୍ବାଚନରେ ଲଢିବା ଅଧିକାର, ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ଆଦି ବଡ ସମସ୍ୟା ହୋଇଛି । ଗତବର୍ଷ ଜୁନ ୬ରେ ଅନୁଷ୍ଠିତ ନିର୍ବାଚନରେ ପେଡ୍ରୋ କାଷ୍ଟିଲୋ ମୁକ୍ତ ଓ ଅବାଧ ନିର୍ବାଚନରେ ବିଜୟୀ ହୋଇଥିଲେ । କିନ୍ତୁ କାଷ୍ଟିଲୋଙ୍କ ବିରୋଧୀ କେଇକୋ ଫୁଂଜିମୋରୀ କାଷ୍ଟିଲୋ ଜାଲିଆତି କରି ବିଜୟୀ ହୋଇଥିବା ଅଭିଯୋଗ କରିଆସିଛନ୍ତି । କାଷ୍ଟିଲୋଙ୍କ ଗରିବ ସମର୍ଥକମାନଙ୍କ ବିରୋଧରେ ଫୁଂଜିମୋରୀଙ୍କ ଦଳ ଫୁଏର୍ଜା ପପୁଲାର ଅନେକ ମାମଲା ଦାଏର କରିଆସିଛି । କିନ୍ତୁ ଫୁଂଜିମୋରୀ ଆଜିଯାଏ ଏଥିନେଇ କୌଣସି ପ୍ରକାର ପ୍ରମାଣ ଦେଇପାରି ନାହାନ୍ତି । ବିଗତ ୫ବର୍ଷ ମଧ୍ୟରେ ପେରୁବାସୀ ୭ଜଣ ରାଷ୍ଟ୍ରପତିଙ୍କୁ ଦେଖି ସାରିଲେଣି , ଯଥା ପେଡ୍ରୋ ପାବ୍ଲୋ (ଜୁଲାଇ ୨୦୧୪-୨୩ ମାର୍ଚ୍ଚ୨୦୧୮), ମାର୍ଟିନ ଭିଜକାରା (୨୩ ମାର୍ଚ୍ଚ ୨୦୧୮- ୯ ନଭେମ୍ବର୨୦୨୦), ମାନୁଏଲ ମାର୍ଲିନୋ (୧୦ ନଭେମ୍ବର ୨୦୨୦-୧୫ ନଭେମ୍ବର ୨୦୨୦) ଫ୍ରାନ୍‌ସିସ୍କୋ ସାଗାଷ୍ଟି (୧୭ ନଭେମ୍ବର ୨୦୨୦-୨୮ ଜୁଲାଇ ୨୦୨୦) ପେଡ୍ରୋ କାଷ୍ଟିଲୋ ୨୮ ଜୁଲାଇ ୨୦୨୧- ୭ ଡିସେମ୍ବର ୨୦୨୨), ଦିନା ବୋଲୁଆର୍ତ୍ତେ (୭ ଡିସେମ୍ବର ୨୦୨୨) । ଦେଶର ଅପୁରିମାକ, ଇନେ, ମାଣ୍ଟାରୋ ପାର୍ବତ୍ୟାଞ୍ଚଳରେ ସଶସ୍ତ୍ର କମ୍ୟୁନିଷ୍ଟ ପାର୍ଟି -ପେରୁ (ଏମ୍‌ପିସିପି) ନିଶା ମାଫିଆଙ୍କ ସହ ମିଶି ଗଣହତ୍ୟାରେ ସାମିଲ ରହିଥିବା ଅଭିଯୋଗ ହେଉଛି । ୨୩ ମେ ୨୦୨୧ରେ ପେରୁ ସେନାର ଯୁଗ୍ମ ଅଧ୍ୟକ୍ଷ ସ୍ୱୀକାର କରିଥିଲେ ଯେ ଏହି ରାଜନୈତିକ ଦଳ ସାନ ମାଗୁଏଲ, ଇନେରେ ୪ ପିଲାଙ୍କ ସହ ମୋଟ ୧୬ଜଣଙ୍କୁ ହତ୍ୟା କରିଥିଲା, ଯେଉଁମାନେ ସାଧାରଣ ନାଗରିକ ଥିଲେ । ସେମିତି ନଭେମ୍ବର ୨୦୨୦ରେ ରାଷ୍ଟ୍ରପତି ଭିଜ୍‌କାରାଙ୍କୁ କ୍ଷମତାରୁ ହଟାଇବା ପାଇଁ ହୋଇଥିବା ଆନ୍ଦୋଳନରେ ୨ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ ପ୍ରାୟ ୨୦୦ଆନ୍ଦୋଳନକାରୀ ଆହତ ହୋଇଥିଲେ ।

୩ କୋଟି ୨୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଲାଟିନ ଆମେରିକାର ରାଷ୍ଟ୍ରର ଆର୍ଥିକ ବିକାଶ ହାର ୯.୬ ପ୍ରତିଶତ (୨୦୧୮) ରହିଛି । ଦେଶରେ ବହୁଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ରାଷ୍ଟ୍ରପତି ପ୍ରଧାନ ଶାସନତନ୍ତ୍ର ପ୍ରଚଳିତ । ୧୯୯୩ର ସାମ୍ବିଧାନିକ ବ୍ୟବସ୍ଥାରେ ରାଷ୍ଟ୍ରପତିଙ୍କ ହାତରେ ଅଧିକ କ୍ଷମତା ଦିଆଯାଇଛି । ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ପାଞ୍ଚ ବର୍ଷ ରହିଛି । ରାଷ୍ଟ୍ରପତି ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେଇଥାଆନ୍ତି, ଯେଉଁମାନେ କି ଦେଶର ୧୮ଟି ମୁଖ୍ୟ ବିଭାଗକୁ ସମ୍ଭାଳିଥାନ୍ତି । ପେରୁଭଳି ଛୋଟିଆ ଦେଶରେ ଥିବା ସୁପ୍ରିମକୋର୍ଟରେ ୧୮ଜଣ ବିଚାରପତି ରହିଛନ୍ତି । ଦେଶରେ ୨୮ଟି ଉପରିସ୍ଥ ଅଦାଲତ, ୧୯୫ଟ୍ରାଏଲ କୋର୍ଟ, ୧୮୩୮ ଜିଲ୍ଲା ଅଦାଲତ ରହିଛି । ଦେଶର ନିର୍ବାଚନରେ ୧୮ରୁ ୭୦ବର୍ଷ ବୟସ୍କ ଲୋକେ ମତଦାନ କରିବାକୁ ବାଧ୍ୟ । ତେବେ ଦେଶରେ ୧୯୮୦ରୁ ୨୦୦୦ପର୍ଯ୍ୟନ୍ତ ଚାଲିଥିବା ଗୃହଯୁଦ୍ଧରେ ପ୍ରାୟ ୭୦ହଜାର ଲୋକଙ୍କ ପ୍ରାଣହାନୀ ଘଟିଥିଲା ।



ହେଲେ ହଜାର ହଜାର ସଂଖ୍ୟକ ମାମଲା ଦଶନ୍ଧି ଧରି ପଡିରହିଥିଲେ ମଧ୍ୟ ଅଳ୍ପ କେଇଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ବିରୋଧୀ ନେତା ଫୁଂଜିମୋରୀ ତାଙ୍କ ଶାସନ କାଳରେ (୧୯୯୦-୨୦୦୦) ହତ୍ୟାକାରୀ ଗୋଷ୍ଠୀ ଗଠନ କରି ବିଚ୍ଛିନ୍ନତାବାଦ ବିରୋଧୀ ଅଭିଯାନ ନାମରେ ଅନେକ ସାଧାରଣ ଲୋକଙ୍କୁ ହତ୍ୟା କରିଥିଲେ । ଫୁଂଜିମୋରୀ ଏବେ ୨୫ବର୍ଷ ପାଇଁ ସଜା ଭୋଗୁଛନ୍ତି । ସେମିତି ପୂର୍ବତନ ରାଷ୍ଟ୍ରପତି ଆଲାନ ଗାର୍ସିଆ ଦୁର୍ନୀତି ଅଭିଯୁକ୍ତ ହୋଇ ପୁଲିସ ଦ୍ୱାରା ଗିରଫ ହେବା ଭୟରେ ଏପ୍ରିଲ ୨୦୧୯ରେ ଆତ୍ମହତ୍ୟା କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଓଲାଣ୍ଟା ହୁମାଲା (୨୦୧୧-୧୬)ଙ୍କ ବିରୋଧରେ ଲାଞ୍ଚ ନେବା ଅଭିଯୋଗର ଅନୁସନ୍ଧାନ ଜାରିରହିଛି । ହୁମାଲାଙ୍କ ପରବର୍ତ୍ତୀ ରାଷ୍ଟ୍ରପତି ପେଡ୍ରୋ ପାବ୍ଲୋ କୁଜନସ୍କି (୨୦୧୬-୧୮) ଠିକା ଜାଲିଆତି ଅଭିଯୋଗରେ ଗୃହବନ୍ଦୀ ରହିଆସିଛନ୍ତି । ପୂର୍ବତନ ରାଷ୍ଟ୍ରପତି ମାର୍ଟିନ ଭିଜକାରା (୨୦୧୮-୨୦) ଲାଞ୍ଚ ନେବା ଅଭିଯୋଗରେ କଂଗ୍ରେସ ଦ୍ୱାରା କ୍ଷମତାଚ୍ୟୁତ ହୋଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ୟୁରୋପୀୟ ୟୁନିଅନ, ଜାପାନ ଆଦି ରାଷ୍ଟ୍ରସହ ପେରୁର ମୁକ୍ତ ବାଣିଜ୍ୟ ବୁଝାମଣା ରହିଛି । ପେରୁ ସେନାବାହିନୀରେ ୩୯୨,୬୬୦ ଯବାନ ରହିଛନ୍ତି । ତନ୍ମଧ୍ୟରେ ୧୨୦,୬୬୦ ନିୟମିତ ଏବଂ ୨୭୨,୦୦୦ ସଂରକ୍ଷିତ ଯବାନ ରହିଛନ୍ତି । ପେରୁର ସେନାବାହିନୀ ଏବଂ କ୍ଷମତାଚ୍ୟୁତ ରାଷ୍ଟ୍ରପତି ପେଡ୍ରୋ କାଷ୍ଟିଲୋଙ୍କ ସମର୍ଥକଙ୍କ ମଧ୍ୟରେ ଏବେ ଅନେକ ସ୍ଥାନରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଦକ୍ଷିଣପେରୁର ଏୟାକୁଚୋ ସହରରେ ୧୦ ଡିସେମ୍ବର ଦିନ ସଂଘର୍ଷ ଯୋଗୁ ପ୍ରାୟ ୭ଜଣଙ୍କ ପ୍ରାଣହାନୀ ଘଟିଥିବା ଜଣାପଡିଛି । କାଷ୍ଟିଲୋଙ୍କ ସପକ୍ଷରେ ଦେଶର ଶ୍ରମିକ ସଂଗଠନ, ମୂଳ ଅଧିବାସୀଙ୍କ ସଂଗଠନ, ଗରିବ କୃଷକମାନଙ୍କ ଅନେକ ସଂଗଠନ ବାହାରିଛନ୍ତି ।

ପେରୁରେ ଏବେ ଖାଦ୍ୟ ସଙ୍କଟ ଦେଖାଦେଇଛି । ୟୁକ୍ରେନ ଯୁଦ୍ଧ ପରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ବସ୍ତୁ, ସାର, ଖାଦ୍ୟପଦାର୍ଥର ମୂଲ୍ୟ ବୃଦ୍ଧି ଯୋଗୁ ଲୋକେ ସରକାର ଉପରେ ଅସନ୍ତୁଷ୍ଟ ରହିଛନ୍ତି । କାରଣ ବିଗତ ବର୍ଷମାନଙ୍କରେ ରାଜନେତାମାନେ ଦୁର୍ନୀତି ଅଭିଯୋଗରେ କ୍ଷମତାଚ୍ୟୁତ ହେବା ଯୋଗୁ ଦେଶରେ ଶାସନଗତ ଅସ୍ଥିରତା ସୃଷ୍ଟି ହୋଇଆସିଛି । ଚଳିତମାସ ରାଷ୍ଟ୍ରପତି କାଷ୍ଟିଲୋଙ୍କ ବିରୁଦ୍ଧରେ ଛଅଗୋଟି ଅପରାଧିକ ଅନୁସନ୍ଧାନ ଜାରି ରହିଛି । ବିଚାର ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ସରକାରୀ ଠିକାରୁ ଲାଭ ପାଇବା ଲାଗି ଅପରାଧୀଙ୍କ ଗୋଷ୍ଠୀଙ୍କୁ କାର୍ଯ୍ୟରେ ଲଗାଇବା ପରି ଅଭିଯୋଗ କାଷ୍ଟିଲୋଙ୍କ ବିରୁଦ୍ଧରେ ରହିଛି । ପୂର୍ବରୁ ଦୁଇଥର କାଷ୍ଟିଲୋଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ଚେଷ୍ଟା କରି କଂଗ୍ରେସ ବିଫଳ ହୋଇଥିଲା । ସେ କଂଗ୍ରେସକୁ ଭାଙ୍ଗିଦେବାକୁ ଧମକ ଦେବାପରେ ତୃତୀୟ ଥର ପାଇଁ ମତଦାନ ନିଷ୍ପତ୍ତି ହୋଇଥିଲା । କାରଣ ରାଷ୍ଟ୍ରପତି କାଷ୍ଟିଲୋ ଟେଲିଭିଜନ ଭାଷଣରେ କଂଗ୍ରେସର କାର୍ଯ୍ୟକାଳକୁ ସୀମିତ କରିବାକୁ ଘୋଷଣା କରିବାପରେ ତାଙ୍କ ସହଯୋଗୀମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା । ସେନା ଓ ପୁଲିସ କାଷ୍ଟିଲୋଙ୍କ ଉଦ୍ୟମକୁ ଗ୍ରହଣ କରିନଥିଲେ । ଯୁକ୍ତରାଷ୍ଟ୍ର ଆମେରିକା କାଷ୍ଟିଲୋଙ୍କ ବିରୋଧୀଙ୍କୁ ସମର୍ଥନ କଲା । ଫଳରେ କାଷ୍ଟିଲୋ ମହାଭିଯୋଗର ସମ୍ମୁଖୀନ ହୋଇ କ୍ଷମତା ହରାଇଲେ । ତାଙ୍କ ସହ କାର୍ଯ୍ୟକରୁଥିବା ଉପରାଷ୍ଟ୍ରପତି ଶ୍ରୀମତୀ ବୋଲୁଆର୍ତ୍ତେ ନୂତନ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ । କାଷ୍ଟିଲୋଙ୍କୁ ଗିରଫ କରାଯାଇ ଏବେ ଲିମା ସହରର ବାହାରେ ଥିବା ନୌସେନା ଘାଟୀରେ ଅଟକ ରଖାଯାଇଥିବା ଜଣାପଡିଛି । ସଂପ୍ରତି ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଶ୍ରୀମତୀ ବୋଲୁଆର୍ତ୍ତେ (୬୦) ପେସାରେ ଓକିଲ ଏବଂ ମାର୍କ୍ସବାଦୀ ନେତ୍ରୀ । ଗତବର୍ଷ ଦଳୀୟ ନେତାଙ୍କୁ ସମାଲୋଚନା କରି ସେ ତଡା ଖାଇଥିଲେ । ଗତମାସ ସେ ନିଜର ପଦରୁ ଇସ୍ତଫା ଦେଇଥିଲେ । ସେତେବେଳେ କାଷ୍ଟିଲୋ ନୂଆ ମନ୍ତ୍ରିମଣ୍ଡଳ ଗଠନ କରି ଅନେକ ଅପାରଗ ଲୋକଙ୍କୁ ମନ୍ତ୍ରୀ କରିଥିବା ଅଭିଯୋଗ ଉଠିଥିଲା । ଏପରିକି କେତେକଙ୍କ ନାମରେ ଅପରାଧିକ ମାମଲା ମଧ୍ୟ ରହିଥିଲା । ନୂତନ ମନ୍ତ୍ରିମଣ୍ଡଳ ଗଠନ ପରେ ବୋଲୁଆର୍ତ୍ତେ ଇସ୍ତଫା ଦେଇ କାଷ୍ଟିଲୋଙ୍କ ପ୍ରମୁଖ ବିରୋଧୀ ହୋଇଥିଲେ । ରାଜନୀତିର ଏହି ହଟଚମଟ ମଧ୍ୟରେ ପେରୁର ସାଧାରଣ ଲୋକେ ବହୁ କଷ୍ଟ ଭୋଗୁଛନ୍ତି । ଦେଶର ଶାସନଗତ ଅସ୍ଥିରତା ଯୋଗୁ ସମସ୍ୟା ଦିନକୁଦିନ ବଢିବାରେ ଲାଗିଛି ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର–୭୫୧୦୦୩*

# —ବଡଦିନ ପର୍ବ—

**"The virgin will be pregnant and give birth a son and they will call him Emanuel."**

ବଡଦିନ ପର୍ବ ସାରା ଦୁନିଆର ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ଦ୍ୱାରା ଡିସେମ୍ବର ୨୫ ତାରିଖ ଦିନ ସେମାନଙ୍କର ଧର୍ମ ପ୍ରଚାରକ ଈଶ୍ୱର ପୁତ୍ର ଯୀଶୁଙ୍କର ଜନ୍ମଦିନ ରୂପେ ପାଳନ କରାଯାଏ । ଖ୍ରୀଷ୍ଟମାସ ଫେଷ୍ଟିଭାଲ ପ୍ରାୟ ୧୫ ଦିନ ଧରି ପାଳନ କରାଯାଏ । ଏହାର ପୂର୍ବ ପାଳନକୁ ଆଡଭେଂଟ କୁହାଯାଏ । କେତେକ ଦେଶରେ ଏହା ୧୨ ଜାନୁଆରୀ ଦିନ (ଜୁଲିଆନ କାଲେଣ୍ଡର) ପାଳନ ହୁଏ । ଅନ୍ୟ ଧର୍ମର ଲୋକମାନେ ମଧ୍ୟ ଏହି ପର୍ବକୁ ଅଭିନନ୍ଦନ କାର୍ଡ ପଠାଇ, ଭୋଜି ଭାତ କରି ପାଳନ କରିଥାଆନ୍ତି । ଓଲଡ ଟେଷ୍ଟାମେଂଟ ବାଇବେଲର ଗସପେଲ ଲୁକ ଓ ମାଥିୟୁ ବର୍ଣ୍ଣନା ଅନୁଯାୟୀ ଯୀଶୁ ୪ ଖ୍ରୀଷ୍ଟାବ୍ଦରେ ବେଥେଲହେମ ନାମକ ଗ୍ରାମ, ଯାହା ତତ୍‌କାଳିନ ଯୁଡାଇ ରାଜ୍ୟ ଓ ବର୍ତ୍ତମାନର ପାଲେଷ୍ଟାଇନ ଅନ୍ତର୍ଗତ, ସେଠାରେ ଜନ୍ମ ହୋଇଥିଲେ । ସେଠାରେ ଚର୍ଚ୍ଚ ଅଫ ନାଟିଭିଟି ରହିଚି । ତାଙ୍କର ମାଆ ମେରୀ କୁମାରୀ ଅବସ୍ଥାରେ ତାଙ୍କୁ ଗର୍ଭଧାରଣ କରି



ଯୋସେଫ ନାମକ ଜଣେ ସରଳ ବଢେଇକୁ ବିବାହ କରିଥିଲେ । ବିବାହ ପୂର୍ବରୁ ମେରୀ ଗର୍ଭଧାରଣ କରିଛନ୍ତି ଜାଣି ଯୋସେଫ ତାଙ୍କୁ ଛାଡପତ୍ର ଦେବାକୁ ସ୍ଥିର କଲେ । ମାତ୍ର ରାତିରେ ଦେବଦୂତ ଏଞ୍ଜେଲ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, "ମେରୀଙ୍କ ଗର୍ଭରେ ଜଣେ ଦେବଦୂତ ତଥା ଇହୁଦୀମାନଙ୍କର ରାଜା ଅଛନ୍ତି । ତାଙ୍କର ପିତା ରୂପେ ଯୋସେଫ ଜଗତବିଖ୍ୟାତ ହେବେ । ତେଣୁ ସେ ମେରୀଙ୍କୁ ଗ୍ରହଣ କରନ୍ତୁ ।"

ଏକ ଦାରୁଣ ଶୀତ କାକର ରାତିରେ ଏକ ଭଙ୍ଗା କୁଡିଆରେ ଯୀଶୁ ଜନ୍ମ ନେଲେ । ପାଖରେ କିଛି ନଥିବାରୁ ପଶୁ ଖାଉଥିବା ଏକ ପାତ୍ର ବା ମାଙ୍ଗରରେ ତାଙ୍କୁ ସେମାନେ କୁଟା ଘୋଡାଇ ରଖିଲେ । କିଛି ମେଷ ପାଳକମାନେ ତାଙ୍କୁ ନିଆଁ ଜାଳି ସହାୟ ହେଲେ । ଏହି ସମୟରେ ପ୍ରାଚ୍ୟର କିଛି ପଣ୍ଡିତ ନକ୍ଷତ୍ରମାନଙ୍କର ଗତିରୁ ଜଣେ ମହାପୁରୁଷ ଜନ୍ମ ନେଇଛନ୍ତି ଜାଣି ଜେରୁଜେଲମର ଶାସକ ହିରୋଡଙ୍କ ପାଖରେ ପହଂଚି ଏହା ପ୍ରକାଶ କଲେ, "ଈଶ୍ୱର ପୁତ୍ର ତଥା ମାନବ ସମାଜର ମୁକ୍ତିଦାତାଙ୍କ ଜନ୍ମ ହୋଇଛି ।" ପରେ ସେମାନେ ଯୀଶୁଙ୍କୁ ଦର୍ଶନ କରି ତାଙ୍କୁ ରାଜାଙ୍କ କ୍ରୋଧରୁ ରକ୍ଷା ପାଇଁ ଦୂରକୁ ପଳାୟନ ପାଇଁ ଯୋସେଫଙ୍କୁ ଉପଦେଶ ଦେଲେ । ରାଜା ହିରୋଡ ନିଜର ଶାସନ ପ୍ରତି ବିପଦ ଆଶଙ୍କା କରି ବେଥଲହାମର ସମସ୍ତ ନବଜାତକଙ୍କୁ ହତ୍ୟା ପାଇଁ ଆଦେଶ ଦେଲେ । ସେତେବେଳକୁ ମେରୀ ଓ ଯୋସେଫ ଯୀଶୁଙ୍କୁ ନେଇ ନାଜାରାତରେ ଆଶ୍ରୟ ନେଇଥିଲେ । ସେଥିପାଇଁ ଯୀଶୁ ଦି ନାଜରାତ କୁହାଯାଏ । ହିରୋଡଙ୍କ ମୃତ୍ୟୁ ପରେ ସେମାନେ ବେଥଲହେମ ଫେରି ଆସିଲେ । ଏହି ସମୟରେ ଯୀଶୁ ପିତାମାତାଙ୍କ ସହ ବିଭିନ୍ନ ମନ୍ଦିରକୁ ଆସି ପାଗନ ପୁରୋହିତ ମାନଙ୍କ ସହ ତର୍କରେ ବ୍ୟାପୃତ ହେଉଥିଲେ । ପ୍ରଚଳିତ ପିତୁଳା ପୂଜା, ପକ୍ଷୀ ବଳି ବିରୁଦ୍ଧରେ ମତ ରଖୁଥିଲେ । ଏହି ସମୟରେ ଜଣେ ମହାପୁରୁଷ ଜନ ଦି ବାପ୍ଟିଷ୍ଟ ତାଙ୍କୁ ଗାଲିଲି ହ୍ରଦରେ ସ୍ନାନ କରାଇ ଦିକ୍ଷା ଦେଇଥିଲେ ଓ ଯୀଶୁ ଜଣେ ଦେବଦୂତ ବୋଲି ଘୋଷଣା କରିଥିଲେ । ରାଜାଙ୍କ ବିଷ ଦୃଷ୍ଟିରେ ଆସିବାରୁ ଜନଙ୍କୁ ହତ୍ୟା କରାଗଲା । ଏଥିରେ ଦବି ନଯାଇ ଯୀଶୁ ଚାଳିଶ ଦିନ କାଳ ଗାଲିଲି ପାହାଡରେ ଅନଶନ ଓ ଧ୍ୟାନରେ ବସି ଈଶ୍ୱରଙ୍କ ଉପଲବ୍ଧି କଲେ ଓ ନିଜ ମତ ପ୍ରଚାର କରି ଅନୁତାପ, କନଫେସନ, କମ୍ପାସନ ମୁକ୍ତିର ପଥ ବୋଲି ଘୋଷଣା କଲେ । ତାଙ୍କର ସ୍ପର୍ଶ ପାଇ ଅନେକ ଅନ୍ଧ ଚକ୍ଷୁ ପାଇଲେ । ଛୋଟା ଚାଲି ପାରିଲା । ମୃତ୍ୟୁ ଲୋକ (ଲଜାରତ) ବ-ଂଚିବାରୁ ଅନେକ ଲୋକ ତାଙ୍କ ପାଖକୁ ଆସି ଭକ୍ତି ଜଣାଇଲେ । ତାଙ୍କର ଶିଷ୍ୟ ପିଟର ପ୍ରଥମେ ତାଙ୍କୁ କ୍ରିଷ୍ଟ ବା ଈଶ୍ୱର ପୁତ୍ର ବୋଲି ଡାକିଥିଲେ । ଲୋକମାନଙ୍କ ସହ ସେ ଜେରୁଜେଲମ ମନ୍ଦିରକୁ ଯାଇ ବନ୍ଦୀ ମାନଙ୍କୁ ମୁକ୍ତ କଲେ ଓ ପୂଜକମାନଙ୍କୁ ଘଉଡାଇ ଦେଲେ । ଏଥିରେ ଆତଙ୍କିତ ପୁରୋହିତମାନେ ଯୀଶୁ ପ୍ରଚଳିତ ଧର୍ମର ବିରୁଦ୍ଧାଚରଣ କରୁଛନ୍ତି ବୋଲି ସ୍ଥାନୀୟ ଶାସକ ପାଲେଟଙ୍କ ପାଖରେ ଅଭିଯୋଗ କଲେ । ଯୀଶୁ ଜଣେ ରୋମାନ ନାଗରିକ ହୋଇଥିବାରୁ ତାଙ୍କ ମାମଲା ରୋମାନ ଶାସକ ହିରୋଡଙ୍କ ପାଖକୁ ପଠାଗଲା । ନିଜେ ନ ଚାହିଁଲେ ମଧ୍ୟ ଲୋକଙ୍କ ଦାବିରେ ସେ ଯୀଶୁଙ୍କୁ କ୍ରୁସ ବିଦ୍ଧ କରି ମୃତ୍ୟୁଦଣ୍ଡ ଦେଲେ । ନାନା ପରିହାସ ମଧ୍ୟରେ ଯିଶୁଙ୍କୁ ଏକ କଂଟାର ମୁକୁଟ ପିନ୍ଧାଗଲା । ଛେପ ପକାଗଲା । ନିଜ କାନ୍ଧରେ କ୍ରସକୁ ବୋହି ସେ ବଧଭୂମିରେ ପହଂଚିଲେ । କିଛି ଚୋରଙ୍କ ସହିତ ଯୀଶୁଙ୍କ ଶରୀରର ବିଭିନ୍ନ ସ୍ଥାନରେ କଂଟା ବାଡେଇ କ୍ରସରେ ଝୁଲାଗଲା । ଅଳ୍ପ ସମୟ ପରେ କ୍ଷୀଣ ଦେହରୁ ପ୍ରାଣ ଉଡିଗଲା । ପାଖରେ ମା' ମେରୀ ଓ ମେରୀ ମାଗାଡନଲ ନାମକ ଜଣେ ଭକ୍ତ ଥିଲେ । ମଲା ପୂର୍ବରୁ ଯୀଶୁ ଜଗତର କଲ୍ୟାଣ ପାଇଁ ପାପୀଙ୍କ ପାପ ନିଜେ ଗ୍ରହଣ ପାଇଁ .ପ୍ରାର୍ଥନା କରି କହିଥିଲେ, "ହେ ପରମ ପିତା ଏମାନେ କଣ କରୁଛନ୍ତି ଜାଣିନାହାଁନ୍ତି । ଏମାନଙ୍କୁ କ୍ଷମା କର ।" ସେହିଦିନରୁ କ୍ରସ ଧର୍ମର ସଙ୍କେତ ଓ କରୁଣା, ପ୍ରେମ ଅନୁତାପ, କ୍ଷମା, ସ୍ୱୀକାରୋକ୍ତି ଖ୍ରୀଷ୍ଟଧର୍ମର ମୂଳ ନୀତି ବୋଲି ଗ୍ରହଣ ହୋଇ ବିଶ୍ୱରେ ଆଦୃତ ହୋଇଛି । ଏକ୍ସମାସକୁ ଆଗରୁ ୟୁଲୁ କୁହାଯାଉଥିଲା । ପ୍ରାୟ ତୃତୀୟ ଶତାବ୍ଦୀରୁ ଏହା ଆରମ୍ଭ ହେଇଛି । ଏ ପର୍ବରେ ଲୋକମାନେ ଘରେ ଯୀଶୁଙ୍କ ଜନ୍ମ ସମୟର ଦୃଶ୍ୟକୁ ମୂର୍ତ୍ତି ଓ ଚିତ୍ର ମାଧ୍ୟମରେ ତିଆରି କରି ଆଲୋକସଜ୍ଜା ଓ ଖ୍ରୀଷ୍ଟମାସ ଟ୍ରି ତିଆରି କରିଥାଆନ୍ତି । ଖ୍ରୀଷ୍ଟମାସ କେକ କାଟନ୍ତି । (ପାସ ଓଭର) । ଖ୍ରୀଷ୍ଟମାସ ସଙ୍ଗୀତ, "କମ ଇମାନୁଏଲ କମ, କିଙ୍ଗଡମ ଅଫ ହେଭେନ ଇଜ କମିଙ୍ଗ" ଗାନ କରନ୍ତି । ତା' ପରଦିନ ତାଙ୍କର ମୃତଦେହ ଅଦୃଶ୍ୟ ହୋଇଗଲା । ଦୁଇଦିନ ପରେ ଯୀଶୁଙ୍କ ପୁନଃ ଆବିର୍ଭାବ ପର୍ବ ଇଷ୍ଟର ସଣ୍ଡେ ପାଳନ କରାଯାଏ । ଏହି ଦିନ ମୃତ୍ୟୁର ଦୁଇଦିନ ପରେ ନିଜର ପ୍ରିୟ ବାରଜଣ ଶିଷ୍ୟ, ମାଆ ମେରୀ ଶିଷ୍ୟା ମେରୀ ମାଗଲଡାନଙ୍କୁ ରାତ୍ରକାଳରେ ଗାଲିଲି ପାହାଡ ଉପରେ ଏକ ଉଜ୍ଜ୍ୱଳ ଆଲୋକ ମଧ୍ୟରେ ଆଉଥରେ ଯୀଶୁ ଦେଖାଦେଇ ନିଜେ ଈଶ୍ୱର ପୁତ୍ର ବୋଲି ଘୋଷଣା କଲେ । ତାଙ୍କ ପାଖରେ ଅନ୍ୟ ମହାପୁରୁଷମାନେ ସିଂହାସନରେ ବସିଥିଲେ । ଯୀଶୁଙ୍କ ମୃତ୍ୟୁ ପରେ ନାନା ନିର୍ଯ୍ୟାତନା ମଧ୍ୟରେ ତାଙ୍କର ଶିଷ୍ୟ ପିଟର, ପଲ ସମେତ ୧୨ ଜଣ ଶିଷ୍ୟ ଏହି ଧର୍ମକୁ ଚାରିଆଡେ ପ୍ରଚାର କରି ସାରା ବିଶ୍ୱରେ ଗ୍ରହଣୀୟ କରାଇଥିଲେ ।

**ସାନ୍ତା କ୍ଲଜ:** ଏହା ଏକ କାଳ୍ପନିକ ଚରିତ୍ର, ଯାହା ବଡଦିନରେ ପିଲାମାନଙ୍କୁ ଉପହାର ବେଲୁନ ଓ ଚକଲେଟ ଧରି ଆସେ । ଏହାର ଚରିତ୍ର ସେଂଟ ନିକୋଲାସଙ୍କ ଚେହେରାକୁ କଳ୍ପନା କରି ଅଙ୍କାଯାଇଛି । ୧୯୩୧ ମସିହାରେ କୋକାକୋଲା କମ୍ପାନୀ ଏହାକୁ ନିଜ ପ୍ରଚାରରେ ବ୍ୟବହାର କରିବା ପରେ ଏହା ଲୋକପ୍ରିୟ ହୋଇଗଲା । ଜଣେ ଧଳାପର ଲାଗିଥିବା ଲାଲ କୋଟ, ଧଳା ନିଶ, କଳା ବେଲଟ ଓ ନରମ ଟୋପି, କଳା ବୁଟ ପିନ୍ଧା ବୃଦ୍ଧ ସାନ୍ତାକ୍ଲଜ ସବୁଆଡେ ବୁଲି ବଡଦିନକୁ ଆକର୍ଷଣୀୟ କରନ୍ତି ।

**–ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

# ବଡ଼ଦିନ



ସଂସ୍କୃତି କଳା, ଆଦର୍ଶ, ବିଚାର ଓ ବିଶ୍ୱାସର ସଂସାର ବା ନୈତିକ, ଆଧ୍ୟାତ୍ମିକ, ନୀତିଗତ ଲପଲବ୍ଧ, ଆଚାର ବିଚାର ପରିପ୍ରକାଶ ଅଟେ । ସଂସ୍କୃତି ଓ ସଭ୍ୟତା ଏକ ନୁହଁନ୍ତି । ଗୋଟିଏ ମନୁଷ୍ୟର ଶରୀର ସଭ୍ୟତାର ସହିତ ସମ୍ବନ୍ଧ ଥିବା ବେଳେ ଆତ୍ମାର ସମ୍ବନ୍ଧ ସଂସ୍କୃତି ସହିତ ଥାଏ । ସଂସ୍କୃତି ଓ ସଭ୍ୟତା କୌଣସି ସମୟରେ ଏକ ବ୍ୟକ୍ତିର ବିଚାରଧାରା ନୁହେଁ । ତାହା ପ୍ରାଚୀନକାଳରୁ ଏ ପର୍ଯ୍ୟନ୍ତ ପ୍ରବାହିତ ସାମଗ୍ରିକ ବିଚାରଧାରା ଅଟେ । ସଂସ୍କୃତି ଓ ସଭ୍ୟତା ମାନବ ବିକାଶର ଦ୍ୱିପ୍ରାଥମିକ ଉପାଦାନ । ସଂସ୍କୃତି ସର୍ବଦା ସ୍ଥାୟୀ ଓ ସଭ୍ୟତା ପରିବର୍ତ୍ତନଶୀଳ । ତେଣୁ ମନୁଷ୍ୟ ସର୍ବଦା ସମାଜରେ ରହିବାକୁ ଭଲ ପାଏ । କୌଣସି କାରଣରୁ ସମାଜରେ



ବିଶୃଙ୍ଖଳା ଦେଖାଦେଲେ, ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଅନ୍ୟାୟ ଓ ଅତ୍ୟାଚାରର ବିଲୋପ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଧରାପୃଷ୍ଠରେ ମହାମାନବ ମାନେ ଅବତରଣ କରନ୍ତି । ସମୟ ସ୍ରୋତରେ ସମାଜିକ ବ୍ୟବସ୍ଥାର ବିବିଧ ପରିବର୍ତ୍ତନ ପାଇଁ ଭିନ୍ନ ଭିନ୍ନ ଧର୍ମ ମୁଣ୍ଡ ଟେକିଥାଏ । ସେହିପରି ଏକ ଧର୍ମହେଉଛି ଖ୍ରୀଷ୍ଟଧର୍ମ । ସମାଜରୁ ସତ୍ୟାଚାର, ଅନ୍ୟାୟ, ଶୋଷଣର ବିଲୋପ କରି ସତ୍ୟର ମାର୍ଗ ଦେଖାଇବା ପାଇଁ ଧରାପୃଷ୍ଠରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ହେଲା । ସେହିଦିନଟି ହେଉଛି ବଡଦିନ (କ୍ରିସ୍‌ମାସ୍, ଏକ୍ସ ମାକ୍ସ ବା ଡିସେମ୍ବର ୨୫ ତାରିଖ) । ପିତା ଯୋଶେଫ ଓ ମାତା ମେରୀଙ୍କର କୋଳମଣ୍ଡନ କରି ବେଥିଲହମ୍‌ର ଏକ ମେଣ୍ଢାଶାଳରେ ଜନ୍ମଗ୍ରହଣ କରିଥିଲେ ପ୍ରଭୁ ଯୀଶୁଖ୍ରୀଷ୍ଟ । ତାଙ୍କ ଜନ୍ମରେ ଉଜ୍ଜ୍ୱଳ ଦିବ୍ୟାଲୋକରେ ଆକାଶ ଝଲସି ଉଠିଥିଲା । ସେ ସମୟରେ କିଛି ଅଲୌକିକ ଘଟଣାର ଦୃଶ୍ୟ ଦୃଷ୍ଟିଗୋଚର ହେବାର କଥିତ ଅଛି ।

ଧରାବକ୍ଷରେ ଯୀଶୁଖ୍ରୀଷ୍ଟଙ୍କର ପଦାର୍ପଣ ଏକ ମହାନ୍ ଉଦ୍ଦେଶ୍ୟରେ ହୋଇଥିଲା । ସେହି ପବିତ୍ର ଦିବସର ରାତ୍ରରେ ସ୍ୱର୍ଗଦୂତଙ୍କ ମୁଖରୁ ନିସୃତ ହୋଇଥିଲା ଯେଉଁ ବାଣୀ ତାହା ବିଶ୍ୱବାସୀଙ୍କର ମଙ୍ଗଳ କରିଥିଲା । ଜଗତରେ ଶାନ୍ତି ଫେରି ଆସିବାର ସଙ୍କେତ ଦେଇଥିଲା । ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କିଛି ଅଲୌକିକ କଥା ଶୁଣିବାକୁ ମିଳେ । ତାଙ୍କର ସ୍ୱର୍ଶରେ ବହୁ ଅନ୍ଧ, ଛୋଟା, ରୁଗ୍‌ଣ ବ୍ୟକ୍ତି ସୁସ୍ଥ ହୋଇଉଠୁଥିଲେ । ଏପରିକି ମୃତ ଶରୀରରେ ଜୀବନ ସଂଚାର ହେଉଥିଲା । ତାଙ୍କର କାର୍ଯ୍ୟକଳାପରେ ଥିଲା ଚମତ୍କାରିତା । ତାଙ୍କର, ଜୀବନ ଧାରଣ ପ୍ରଣାଳୀ ଥିଲା ସାଧାରଣ ଓ ନିରାଡମ୍ବର । ତାଙ୍କର ବିଶେଷ ଗୁଣ ଥିଲା ଶତ୍ରୁମାନଙ୍କୁ କ୍ଷମା ପ୍ରଦାନ କରିବା । ସେ ଥିଲେ ଜନକଲ୍ୟାଣକାରୀ, ତାଙ୍କର କର୍ମଥିଲା ଅତି ଉଚ୍ଚକୋଟୀର । ସମସ୍ତ ସ୍ୱର୍ଗୀୟ ଓ ଈଶ୍ୱରୀୟ ଗୁଣରେ ସେ ଭୂଷିତ ହୋଇଥିଲେ । ସେ ନିଜକୁ ଈଶ୍ୱର ନକହି ଈଶ୍ୱରଙ୍କ ସନ୍ତାନ ବୋଲି କହୁଥିଲେ । ସ୍ନେହ, ତ୍ୟାଗ, ଶାନ୍ତି, ସେବା ଓ ସତ୍ୟର ବାର୍ତ୍ତା ସେ ପ୍ରଚାର କରିଯାଇଛନ୍ତି । ତେଣୁ ବଡଦିନଟି ସେହି ମହାନ୍ ଦେବପୁରୁଷଙ୍କ ମହନୀୟ କ୍ରିୟା କର୍ମକୁ ସୂଚାଇଦିଏ ।

ଡିସେମ୍ବର ୨୫ ତାରିଖରେ ପୃଥିବୀର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସରେ ବଡଦିନ ଉତ୍ସବ ପାଳନ କରିଥାଆନ୍ତି । ଏଥିନିମନ୍ତେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ କରି ଦେଇଥାଆନ୍ତି । ଘରଦ୍ୱାର ପରିଷ୍କାର କରି ସୁନ୍ଦର ଭାବରେ ସଜାନ୍ତି । ଗୀର୍ଜାଗୁଡିକ ଉଜ୍ଜ୍ୱଳ ରଙ୍ଗୀନ୍ ଆଲୋକରେ ସାଜସଜ୍ଜା ହୋଇଥାଏ । ବଡଦନ ବୃକ୍ଷଟି ସୁସଜ୍ଜିତ ହୋଇ ପ୍ରତ୍ୟେକ ଗୃହର ଶୋଭାବର୍ଦ୍ଧନ କରେ । ଖ୍ରୀଷ୍ଟିୟାନ୍‌ମାନେ ନବବସ୍ତ୍ର ପରିଧାନ କରି ନିର୍ମଳ ମନରେ ଗୀର୍ଜାରେ ସମବେତ ହୋଇ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କୁ ପ୍ରାର୍ଥନା କରନ୍ତି । ଅତି ଆଡମ୍ବର ନାଚଗୀତ ଓ ଖାଦ୍ୟପେୟରେ ଏ ଉତ୍ସବଟି ପାଳନ ହୁଏ । ବଡଦିନ ଉପଲକ୍ଷେ ଲୋକମାନେ ସାଙ୍ଗସାଥି ଓ ବନ୍ଧୁବାନ୍ଧବଙ୍କୁ ଅଭିନନ୍ଦନ ଜ୍ଞାପନ କରନ୍ତି । ପ୍ରଭୁ ଯୀଶୁଙ୍କ ଅମୃତବାଣୀ ଓ ମହନୀୟ କାର୍ଯ୍ୟକଳାପ ଏହି ବଡଦିନରେ ଜନମାନସକୁ ପ୍ରଭାବିତ କଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ପଥସୁଗମ ହେବ ।

**–ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ଦୂରଭାଷ: ୯୯୩୭୬୯୧୪୭୫




# ଅନ୍ଧ ମୁହାଁଣୀ


ବିପ୍ଳବ

ପାଖ ମନ୍ଦିରରୁ ଆଳତୀ ଆଉ ଘଣ୍ଟ ଧ୍ୱନି ଶୁଣିବା ପରେ ମୋତେ ଲାଗିଲା ଯେ ସନ୍ଧ୍ୟା ହୋଇ ଗଲାଣି। ଝର୍କା ସାମାନ୍ୟ ଖୋଲିଲି। ବାହାରେ ତୋଫା ଜହ୍ନରାତି। ଭିତର ଆଲୁଅଠୁଁ ବାହାରର ଜହ୍ନ ଆଲୁଅ ଦିଶୁଥିଲା ଅପେକ୍ଷାକୃତ ଉଜ୍ଜଳ। ଝର୍କା ସେପାଖକୁ ଚାହିଁ ହେଉ ନଥିଲା। ମୁଣ୍ଡ କଣ ହୋଇ ଯାଉଥିଲା। ଝର୍କା ବନ୍ଦ କରିଦେଲି। ତା ପରେ ବି ମଶାଙ୍କ ଉତ୍ପାତ ବଢ଼ି ଯାଇଥିଲା।

ଠା କୁ ଠା ଡ଼ଷ୍ଟବିନ ରହିଥିଲେ ବି ଝର୍କା ସେ ପାଖେ ଭଙ୍ଗା ସିରିଞ୍ଜ,, ଖାଲି ବୋତଲ, ଗଜ କନା, ପାଉଚ୍ ପାଣି, ପଲିଥିନ ଗଦା ହୋଇଥିଲା।କିଏ ସବୁ ଫିଙ୍ଗୁଥିଲେ କେଜାଣି !

ମଝିରେ ମଝିରେ ଛୁଆଟି କାନ୍ଦି ମୋତେ ବ୍ୟତିବ୍ୟସ୍ତ କରି ପକାଉଥିଲା। ଓ୍ୱାର୍ଡ ନର୍ସ ମୋ ଉପରେ ଗର ଗର ହେଉଥିଲା।

- ପିଲାଟିକୁ ଟିକେ ସମ୍ଭାଳନ୍ତୁ ଆଜ୍ଞା। ଅନ୍ୟ ରୋଗୀ ସବୁ ଡିଷ୍ଟର୍ବ ହେଉଛନ୍ତି। ଆପଣ ତାକୁ ଘରେ କେୟାର ଟେକର ପାଖରେ ଛାଡି ଆସିବା କଥା।

ନର୍ସ କଥା ଶୁଣି ମୋତେ ବିରକ୍ତ ଲାଗୁଥିଲା।

ଛୁଆଟା ବି ଭେଁ ଭେଁ ହେଉଥିଲା। ତୁନି କରିବା ପାଇଁ ତାକୁ କାନ୍ଧରେ ପକାଇ ଥାପୁଡେଇଲି ଯଦିଓ ଛୁଆଟି ଥାପୁଡ଼ା ଖାଇବା ବୟସ ଅତିକ୍ରାନ୍ତ ହୋଇ ଯାଇଥିଲା।

ଓ୍ୱାର୍ଡ ଭିତରୁ ବାହାରକୁ ଆସିଲି। ମେଡିକାଲ ବାରଣ୍ଡାରେ କିଛି ବାଟ ଚାଲି ଚାଲି ମୁଖ୍ୟ ଗେଟ୍ ପାଖରେ ପହଞ୍ଚିଗଲି।

ସାମ୍ନାରେ ପାନ ଦୋକାନଟିଏ। କେବିନ୍ ଟି ଅପେକ୍ଷାକୃତ ଛୋଟ ହୋଇଥିଲେ ବି ଆପଣ ଚାହୁଁ ଥିବା ଯେକୌଣସି ଜିନିଷ ପାଇପାରିବେ।

ମୁଁ ଗୋଲ୍ଡ ଫ୍ଲେକ୍ ଗୋଟେ ମାଗିଲି। ସାଇଡ଼ରେ ସୁତୁଲିରେ ବନ୍ଧା ହୋଇଥିବା ଲାଇଟରରେ ସିଗ୍ରେଟ ଲଗେଇଲି। ପିଲାଟିକୁ ଗୋଟିଏ କ୍ରିମ୍ ବିସ୍କୁଟ ଆଣି ଦେଲି। ଦୋକାନୀକୁ ଫୋନ୍ ପେ କରି ପାଖ ଚାନ୍ଦିନୀରେ ବସି ଧୂଆଁ ଛାଡିଲି ଆକାଶକୁ। ପିଲାଟି ଚୁପ୍ ଚାପ୍ ବିସ୍କୁଟ ଖାଇଲା। ଖାଇସାରି ମୋ ମୁହଁକୁ ଖୁସି ମୁଦ୍ରାରେ ଚାହିଁଲା। ମୁଁ ଆଉ ଗୋଟିଏ ବିସ୍କୁଟ ,ଛୋଟ ମିନେରାଲ ବଟଲ, ଆଉ ଦୁଇଟି ଚକୋଲେଟ୍ ଆଣି ତାକୁ ଧରେଇଲି।

ଏଥର ସେ ତୁନି ପଡିଗଲା। ତାକୁ ଟେକି ଧରିବା ଆବଶ୍ୟକ ହେଲାନି।

ବଟଲ ଖୋଲି ପାଣି ପିଇଲା।ମୋ ଆଙ୍ଗୁଠି ଧରି ଭିଡିଲା। ସାଙ୍ଗ ହୋଇ ଉଠିଲୁ।

ଲାଭିଙ୍କ କଲ୍ ଆସିଲା। ମୁଁ ରିସିଭ୍ କଲି।? କୋଉଠି ଅଛ ବୋଲି ପଚାରିଲେ।

ଗାଡ଼ି ଖରାପ ଅଛି। ଗ୍ୟାରେଜ ପାଖରେ ଅଛି କହି ଫୋନ୍ କାଟିଦେଲି। କଥା ହେବା ଭିତରେ ମୁଁ ଓ୍ୱାର୍ଡ ଭିତରେ ପହଞ୍ଚି ଗଲି।? ପିଲାଟି ବୋଉ ବୋଉ କହି ତା ମା କୁ ଭିଡ଼ି ପକାଉଥିଲା।

ଛୁଞ୍ଚି ଫୋଡି ହେଲେ ରକ୍ତ ବୋହିବ କହିବାରୁ ପିଲାଟି ଚୁପଚାପ୍ ବେଡ୍ ର ଗୋଟିଏ କଣକୁ ଯାଇ ବସିଲା। ଆଉ ତା ମା ମୁହଁକୁ ବିକଳ ହୋଇ ଚାହିଁଲା

ଠିଆହୋଇ ମୋ ଅଣ୍ଟା ବ୍ୟଥା ହେଉଥିଲା। ବେଡ୍ ର ଅଳ୍ପ ଖାଲିଥିବା ଜାଗାରେ ଯାଇ ବସିଲି।

ତାଙ୍କ ପାଦ ସାମାନ୍ୟ ହଲିଲା ପରି ଲାଗିଲା। ମୁହଁକୁ ଲକ୍ଷ୍ୟ କଲି। ଆଖି ଦୁଇଟି ସେମିତି ବନ୍ଦ ରହିଥିଲା। ବଡ଼ ବ୍ୟସ୍ତ ଲାଗୁଥିଲା। ଏ ତ୍ରିଶଙ୍କୁ ପରିସ୍ଥିତିରୁ ମୁକୁଳିବାର ବାଟ ଦିଶୁ ନଥିଲା। ଯେମିତି କୌଣସି ଅନ୍ଧ ମୁହାଁଣୀ ଭିତରେ ମୁଁ ପଶି ଯାଇଛି।

ସାମ୍ନାକୁ ଲକ୍ଷ୍ୟ କଲି।

ଲାଭି !

ମୁଁ ସ୍ତବଧ ହେଇଗଲି।

ବେଡ୍ ରୁ ଉଠି ଠିଆହେଲି।

ପିଲାଟି ଉଠି ମୋ ପଛକୁ ଲୁଚି ଗଲା।

- 'ଓଃ... ଏଇଟା ତାହେଲେ ତମ ନୂଆ ସଂସାର ? ମାଡାମ୍ ରିତିକା ମହାନ୍ତି। ଆଉ ଏ ତାଙ୍କ ପୁଅ... ସରି ସରି.. ମାଡାମ୍ ରିତିକା ମହାନ୍ତି ଆଉ ତାଙ୍କ ବସ୍ ଅର୍ପଣ ଶତପଥୀଙ୍କ ପୁଅ।'

ଲାଭି କିଛି ବୁଝିବା ଅବସ୍ଥାରେ ନଥିଲେ। ତାଙ୍କ କର୍କଶ ସ୍ୱର ନିସ୍ତବ୍ଧ ଶୀତରାତିରେ ପତର ଉପରେ ପଡୁଥିବା କାକର ଟୋପା ପରି ଶୁଭୁଥିଲା। ମଦାରୀର ମାଙ୍କଡ଼ ପରି ସମସ୍ତଙ୍କ ଦୃଷ୍ଟି ମୋ ଉପରେ କେନ୍ଦ୍ରୀଭୂତ ଥିଲା।

ଷ୍ଟାଫ ନର୍ସ ଜଣେ ମୋତେ ଏ ପରିସ୍ଥିତିରୁ ମୁକୁଳେଇଲେ।

- ମାଡାମ୍ , ଆପଣ ଭୁଲି ଯାଉଛନ୍ତି ଏଇଟା ମେଡିକାଲ ବୋଲି। ଆପଣଙ୍କ ବ୍ୟକ୍ତିଗତ କ୍ରୋଧ ଘରେ ଠିକ୍ ଅଛି। ପ୍ଲିଜ....

ଲାଭିଙ୍କ ଆଖି ମେଞ୍ଚ ? ସିନ୍ଦୁର ପରି ଲାଲ ଟହ ଟହ ଦିଶୁଥିଲା। ଯେମିତି ସେ ମଣିଷ ନୁହଁନ୍ତି ନାଗୁଣୀ ଆଉ ସୁଯୋଗ ପାଇଲେ ଦଂଶିବେ ।

ମୁଁ ଆଶ୍ଚର୍ଯ୍ୟ ହେଲି ଯେତେବେଳେ ଦେଖିଲି ସେଇ ସ୍ତ୍ରୀ ଲୋକର ହୋସ୍ ଫେରି ଆସିଛି ଆଉ ସେ ମୋ ଆଡ଼କୁ ଚାହିଁଛନ୍ତି।

- 'ଆଉଟିକେ ଆଗରୁ ଉଠି ପାରିଲେନି ?ମୋ ସଂସାର ଭାସିଗଲା ପରେ ତମ କୁମ୍ଭକର୍ଣ୍ଣ ନିଦ ଭାଙ୍ଗିଲା !

ରାଗ ଲାଗୁଥିଲା।

ସେ କିନ୍ତୁ ନିର୍ବିକାର।

ଯେମିତି ମାନବୀ ନୁହେଁ କେଉଁ ଗଛ ମୂଳେ ପୂଜା ପାଉଥିବା ସିନ୍ଦୁର ବୋଳା ପଥର ମୂର୍ତ୍ତି।

ମୋ ବିପି ହାଇ ହେଉଥିଲା।

ବଡ଼ ଅଜବ ଏ ସ୍ତ୍ରୀ ଲୋକ।

- 'କାହିଁକି ଆଉ ଜୁଲୁଜୁଲୁ ହେଉଛ ? ଆଖି ଖୋଲିଲା ଦରକାର ଥିବା ବେଳେ ତ ବନ୍ଦ କରିଦେଲ ।'

- 'ମୁଁ ମାଡାମ୍ ଙ୍କୁ ଦେଖି ଆଖି ବନ୍ଦକରି ଦେଲି।'

- 'ମାନେ,ତମେ ଲାଭିଙ୍କୁ ଦେଖି ଶୋଇବାର ଅଭିନୟ କଲ ? ଯିଏ ତମ ଜୀବନ ବଞ୍ଚ ?ଇଲା ତା ପାଇଁ ପଦେ ସତ ନ କହି ନିରୁତ୍ତର ରହିଲ !'

- 'ବେଳେ ବେଳେ ପ୍ରତିବାଦ ଠୁଁ ନୀରବତା ଶ୍ରେୟସ୍କର ହୋଇଥାଏ ସାର୍ ।'

- 'କେମିତି ? ଆରେ ମୋ ସଂସାର ଉଜୁଡି ଗଲା, ତମେ ନୀତି ବାଣୀ ଶୁଣୋଉଚ ?'

- 'ଯିଏ ନିଜ ସ୍ୱାମୀଙ୍କ କଥା ଉପରେ ଭରସା କରନ୍ତି ନାହିଁ ସେ ଗୋଟିଏ ବାହାର ସ୍ତ୍ରୀ ଲୋକ କଥା ଉପରେ କେମିତି ଭରସା କରିଥାନ୍ତେ ?'

ମୁଁ ଆଶ୍ଚର୍ଯ୍ୟ ହେଲି ସ୍ତ୍ରୀ ଲୋକର ସାଇକୋଲଜି ଷ୍ଟଡ଼ିକରି। ଇଏ ତେବେ କଣ ଦର୍ଶନର ଛାତ୍ରୀ ଥିଲେ ?

ତାଙ୍କ ପ୍ରତି ଥିବା କ୍ରୋଧ ସାମାନ୍ୟ ପ୍ରଶମିତ ହେଉଥିଲା।

ଛୋଟ ଛୁଆ ମୁହଁକୁ ଦେଖି ଦୟା ଲାଗୁଥିଲା।

ତେବେ ଲାଭି ରାଗିବାର ଯଥେଷ୍ଟ କାରଣ ଅଛି।

ତାଙ୍କର ଭୁଲ୍ କଣ ? ମୁଁ ହିଁ ତାଙ୍କୁ ସାରାଦିନ ମିଛ କହିଥିଲି।

ଅଫିସ୍ ନଯାଇ ସାରାଦିନ ମେଡିକାଲ୍ ରେ। ଶେଷକୁ ଗାଡ଼ି ଖରାପର ମିଛ ଖବର।

କେହି ସମ୍ପର୍କୀୟ ନିଶ୍ଚୟ ପାର୍କିଂରେ ମୋ ଗାଡ଼ି ଦେଖିଚି ନହେଲେ ସେ ଛୁଆକୁ ଧରି ବାହାରେ ବୁଲୁଥିବା ବେଳେ ଲକ୍ଷ୍ୟ ରଖିଚି। ନହେଲେ ଲାଭି କେମିତି ଜଣେ ସ୍ଥିର ନିଶ୍ଚିନ୍ତହୋଇ ଓ୍ୱାର୍ଡ ଭିତରେ ସିଧା ପ୍ରବେଶ କରିବେ !

ମୁଁ ବି ବଡ଼ ଅଦ୍ଭୁତ ଲୋକ ।

ସେ ସ୍ତ୍ରୀ ଲୋକଙ୍କୁ ମୋ ଆସିଷ୍ଟାଣ୍ଟ ରିତିକା ନାଁ ଦେବା କଣ ଦରକାର ଥିଲା ?

ଲାଭି ସହଜେ ବଡ଼ ସନ୍ଦେହୀ। ବିନା କାରଣରେ ମୋ ଉପରେ କ୍ରୋଧ ପ୍ରକାଶ କରନ୍ତି। ଅଫିସ୍ ରୁ ଫେରିବା ସାମାନ୍ୟ ବିଳମ୍ବ ଘଟିଲେ ଛେନାରୁ ଚୋପା

ଛଡେଇବା ପରି ଅଦ୍ଭୁତ ଯୁକ୍ତିମାନ କରନ୍ତି। ବେଳେ ବେଳେ ରାତି ସରିଯାଏ ତାଙ୍କୁ ମନେଇବାରେ। ବଡ଼ ଅଜବ ଝିଅ।

ମୁଁ ବା କଣ କରିଥାନ୍ତି ?

ମେଡ଼ିକାଲ ପହଞ୍ଚିବା ବେଳକୁ ସେ ବେହୋସ୍ ଥିଲେ। ତାଙ୍କ ପରିଚୟ ଦେବାରେ ଡାକ୍ତରଙ୍କର ସାମାନ୍ୟ ସନ୍ଦେହ ଉପୁଜିଥିଲା ପୋଲିସ୍ କେଶ୍ ହୋଇଥାନ୍ତା।

ଆଡ଼ମିଶନ ରେଜିଷ୍ଟରରେ ନାଁ ପଚାରୁ ପଚାରୁ ସ୍ଲିପ୍ ହେଇ ରୀତିକା ମହାନ୍ତି ଖସି ଗଲା। ରିଲେସନ୍ ଓ୍ୱାଇଫ ଲେଖିବାକୁ ବାଧ। ସେତେବେଳେ ଆଉ କିଛି ବିକଳ୍ପ ନଥିଲା।

ତାହାଲେ କଣ ଲାଭିଙ୍କ କ୍ରୋଧ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ ?

ରିତିକାଙ୍କ ସହ ମୋର କୌଣସି ଖରାପ ସଂପର୍କ ନାହିଁ, ଆଉ ଏ ସ୍ତ୍ରୀ ଲୋକ ମୋ ପାଇଁ ସଂପୂର୍ଣ୍ଣ ଅଜଣା । ମୁଁ ନିଜକୁ ବଞ୍ଚାଇବା ପାଇଁ ସାମାନ୍ୟ ମିଛର ଆଶ୍ରୟ ନେଲି, ଏଇ ପଦିଏ ମିଛ କଣ ସାତ ଜନ୍ମର ବନ୍ଧନକୁ ନଷ୍ଟ ଭ୍ରଷ୍ଟ କରିଦେବ ଯାହାର ସତ ସହିତ କାଣିଚାଏ ସଂପର୍କ ନାହିଁ !

ଶୁଖିଲା ପତ୍ର ଗଛରୁ ଅଲଗା ହୋଇ ଯିବା ପରି ଝଡି ପଡ଼ିବ ?

ମୋ ମୁଣ୍ଡ କିଛି କାମ କରୁ ନଥିଲା।

ଆଉ ଥରେ ସେଇ ସ୍ତ୍ରୀ ଲୋକ ମୁହଁକୁ ଚାହିଁଲି।

ଏବେ ରାଗ ନୁହେଁ ଦୟା ଲାଗୁଥିଲା।

ତା ଆଖି କୋଣରୁ ଦୁଇ ଧାର ଅଶ୍ରୁ କେତେବେଳେ ବୋହି ଶୁଖି ଯାଇଥିଲା। ନର୍ସ ଆସି ସଲାଇନ ବନ୍ଦ କରି ଦେଇଗଲା।

- 'ଏବେ ତମେ ସୁସ୍ଥ ଅନୁଭବ କରିଛ ତ ?' ମୁଁ ଆସ୍ତେ କିନା ପଚାରିଲି।

ସେ ମୁଣ୍ଡ ଟୁଙ୍ଗାରି ହଁ ଭରିଲେ।

- ' ତେବେ ଠିକ୍ ଅଛି। ତମ ଘରେ ଛାଡ଼ିବା ଆଗରୁ ଗୋଟିଏ କଥା ଜାଣିବାକୁ ନିଶ୍ଚୟ ଚାହିଁବି। ଏତେ ଛୋଟ ପିଲାଟାକୁ ଟ୍ରାଫିକ ପୋଷ୍ଟ ସାଇଡ଼ରେ ବସେଇ କାହିକି ଏପଟ ସେପଟ ହେଉଥିଲ ?

ସେ ମୋ ମୁହଁକୁ ବଲ ବଲ ହୋଇ ଚାହିଁଲେ। କିଛି ଉତ୍ତର ଦେଲେନି।

- ଠିକ୍ ଅଛି, ଯଦି ଚାହୁଁ ନାହିଁ ତେବେ ବାଧ କରିବିନି। କିନ୍ତୁ ଏଇ ଆକସିଡେଣ୍ଟ ପାଇଁ ମୋଠୁ କେତେ କ୍ଷତି ପୂରଣ ଆଶା ରଖିଛନ୍ତି ?

ରାତିର ବୟସ ବଢୁଥିଲା। ଆଉ ସେ ସ୍ତ୍ରୀ ଲୋକର ନୀରବତା ବି।

ମୋତେ ବିରକ୍ତ ଲାଗୁଥିଲା।

- ' ଆରେ ଘର କୋଉଠି କୁହନ୍ତୁ, ନହେଲେ ଛାଡି ଦେଇ ଆସିବି। ମୁଁ ମୋ ଘରକୁ ଯିବି ନା ନାଇଁ ?

ଏଥର ସେ କହୁଣି ଭରା ଦେଇ ଉଠିଲେ ଆଉ ବେଡ୍ ର ଗୋଟେ କଡ଼କୁ ପିଠି ଆଉଜି ବସିଲେ।

- କୋଉଠିକୁ ଯିବି ବାବୁ ? ମନ୍ଦିର ନା ମଶାଣୀ ? ଭିକାରୁଣୀ ଟେ । ଭିକ ମାଗିବା ଲାଜ ଲାଗିବ ବୋଲି କଲମ ବିକୁଚି।

- ' ଆଉ ତମ ସ୍ୱାମୀ, ସେ କଣ ଅକର୍ମଣ୍ୟ ନା ମୃତ ଯିଏ ଏପରି ସ୍ତ୍ରୀ ଙ୍କୁ ହତାଦର କରି ପାରନ୍ତି ?

- ' ଜୀବିତ ସେ ।'

ମୁଁ ଆଶ୍ଚର୍ଯ୍ୟ ହେଲି।

- ଲଭ୍ ମ୍ୟାରେଜ୍ କରିଥିଲି। ବାପା, ମା, ପରିବାର ସମସ୍ତଙ୍କୁ ଏଡେଇ ରାତି ଅଧରେ ଗୋଡ଼ କାଢ଼ିଥିଲି ଘରୁ ଫେରିବାର ରାସ୍ତା ବନ୍ଦ କରି। ଏଇ ଛ ମାସ ତଳେ ଜାଣିଲି ସେ ଅନ୍ୟ ସମ୍ପର୍କରେ। '

- 'ଥାନାରେ ଅଭିଯୋଗ କଲେ ନାହିଁ କାହିକି ?'

- ' ଥାନାରୁ କଣ ନ୍ୟାୟ ପାଇବାର ଭରସା କରି ପାରିବି, ଯଦି ସେମାନେ ମୋର ଇଜ୍ଜତ ଲୁଟି ମାରିଦେବେ ? କୋଉ ଭରସାରେ ଯିବି ଯୋଉଠି ବ୍ୟବସ୍ଥା ଅନୁମତି ଦେଇଛି ସେମାନେ ଏକାଠି ବାସ କରିବା ଅପରାଧ ନୁହେଁ । ଏ ବ୍ୟବସ୍ଥା ମୋ ସଂସାର ଉଜାଡି ଦେଇଛି। ଯାହା ପାଇଁ ସବୁ ଛାଡ଼ିଥିଲି ସେ ମୋତେ ଛାଡ଼ିଦେଲେ। ମରିବାକୁ ଇଛା କରି ମରି ପାରିନି ଏଇ ଛୁଆ ପାଇଁ।

ମୋତେ ବହୁତ କଷ୍ଟ ଲାଗୁଥିଲା। କିଛି ସମୟ ନୀରବରେ କଟିଗଲା। ତା ପରେ ସେ ମୋତେ ପ୍ରଶ୍ନ କଲେ

-'ସାର୍, ଗୋଟେ କଥା ପଚାରିବି ?

ମୁଁ ହଁ ମାରିଲି।

-' ଆପଣ କଣ ଚାକିରି କରନ୍ତି ଆଉ ଦିନ ସାରା ବାହାରେ ରୁହନ୍ତି ?

-' ହଁ।'

- 'ଜାଣନ୍ତି ମୁଁ ମାଡାମଙ୍କୁ ଦେଖି କାଇଁ ଚୁପ୍ ରହିଲି ?'

- 'ନା, ଜାଣିନି ।'

- ' ମୋ ସ୍ୱାମୀ ଦଶ ଟା ରୁ ଚାରିଟା କମ୍ପାନୀ ଚାକିରୀ କରିଛନ୍ତି କହି ଜଣେ ସ୍ତ୍ରୀ ଲୋକ ସହ କାଟୁଥିଲେ। ଦିନେ ଅଚାନକ ତାଙ୍କ ଫୋନ୍ ରୁ ସେଇ ସ୍ତ୍ରୀ ଲୋକ ଆଉ ଯାଙ୍କର ଖରାପ ଫଟ ଆଉ ଏମ ଏମ ଏସ ଦେଖିଲି। ସେ ଲାଭି ମାଡାମ ହିଁ ଥିଲେ ଯାହା ପାଇଁ ମୁଁ ଘରୁ ତଣ୍ଟିଆ ଖାଇଲି ।

ମୁଁ ସ୍ତବ୍ଧ ହେଇଗଲି।

ଯେମିତି କୌଣସି ଭୟଂକର ଦୁର୍ଘଟଣାରେ ଗୋଟେ ଅନ୍ଧ ମୁହାଁଣୀ ଭିତରେ ପଶି ଯାଇଛି ଆଉ ମୋର ସମସ୍ତ ଶ୍ରବଣ ଶକ୍ତି ଲୋପ ପାଇଯାଉଛି !

ମକୁନ୍ଦ ପୁର, ବାଙ୍କୀ

ମୋ : ୯୪୩୭୪୬୮୦୧୬

## ହେ ନୂଆବର୍ଷ

ରତ୍ନକାନ୍ତି ମିଶ୍ର



ହେ ନୂଆବର୍ଷ
ଆସୁଚ ତ ଆସ
ଆସ ଏକ ନୂଆ ରୂପ ନେଇ
ଛୁଇଁଯାଅ ସବୁରି ଅନ୍ତର
ଲିଭାଇ ଦିଅ ଯେତେ ସବୁ
ବିବର୍ଣ୍ଣ ରଙ୍ଗ,ରୂପ
ଉଛୁଳି ପଡୁ ପ୍ରତିଟି ପ୍ରାଣରେ
ଅହେତୁକ ଉଚ୍ଛ୍ୱାସ
ଦୃଶ୍ୟ ଓ ଦୃଶ୍ୟାନ୍ତରରେ
ବାରି ହୋଇପଡୁ
ଜୀବନ ଓ ଜିଜ୍ଞାସାର
ବିସ୍ତାରିତ ମୁହୂର୍ତ୍ତ
ଖେଳିଯାଉ ପ୍ରତିଟି କ୍ଷେତ୍ରରେ
ସମ୍ଭାବନାର ଉନ୍ମେଷ
ହେ, ନୂଆବର୍ଷ !
ଆସୁଚ ତ ଆସ....!!!

ଆଳି, କେନ୍ଦ୍ରାପଡା

## ମୋ ଯିଶୁ

ଡୁଇଟ ଡେଭିଡ ଫିଲିପ



ମୋ ଯିଶୁ,
ମୋ ହୃଦୟରେ ସେ ଶିଶୁ,
ବାହାରକୁ ପଛେ ନଦିଶୁ,
ପ୍ରଚାର କଲେ, ମୋ ପାଇଁ ସେ ଆଉ
ଥରେ କ୍ରୁଷରେ ନ ଚଢ଼ନ୍ତୁ !
ସକାଳ ହେଲେ ସମସ୍ତଙ୍କୁ ଦରକାର
ତାରିଖ,
ଯୀଶୁଙ୍କ ବୟସ ତାହା, ଖ୍ରୀଷ୍ଟିଆନ
ହୋଇବି ଜାଣୁନ !
ପ୍ରଚାର ଦରକାର ନାହିଁ ଜନ୍ମର,
ଜନ୍ମର ପ୍ରଚାର ନିଜେ କରୁଛି ଇତିହାସ,
ମୋ ଯିଶୁ,
ମୋ ହୃଦୟରେ ସିନା ଶିଶୁ,
କ୍ରୁଷ ପଚାରୁଛି, ମୋତେ ତୁ କେବେ
ଜନ୍ମ ଦେବୁ କହୁନୁ,
ତେବେ ବିଦ୍ରୋହ ଛାଡ଼ି, ଜନ୍ମ ପର୍ବ
ପାଳନ କରିବେ ଜମା ହୋଇ ସବୁ।

ଚାଇବାସା, ଝାଡ଼ଖଣ୍ଡ

## ଜୀବନର ଆରପାରେ

ସୁଧାକର ରାଉତ



ଜୀବନକୁ ଜିଇବାକୁ ଚାହିଁଥିଲି
ସଙ୍ଘର୍ଷ ରୋଧିଲା ପଥ
ବିନା ଅସ୍ତ୍ର ଚରମ ପନ୍ଥା ଧରିଣ
ଭଗ୍ନ ହେଲା ମନୋରଥ ।
ସମୟର ଚାପା ଗୁଞ୍ଜରଣେ ହଜି
ମୋହ ମାୟା ଆକର୍ଷଣେ
କେବେ ଭୋକ ସହ
କେବେ ଭେକ ସହ
ଯୁଦ୍ଧ କଲି ଅକାରଣେ ।
ମୃତ୍ୟୁର ଭୂତଟା ମନ ପ୍ରାଣ ଦେହେ
ହୋଇଲା ଆସି ସବାର
ଦୁର୍ଦ୍ଦିନ ସଙ୍କଟ ଭାବି ତାରେ ତ୍ୟାଗେ
ହେଲି ସଦା ତତପର ।
ତା' ସଙ୍ଗେ ସଂଗ୍ରାମେ
ରତ ହେଲି ଯେବେ
ପଶିଲି ଆଣ୍ଠୁଏ ପଙ୍କ ?
ମୁକୁଳି ନ ପାରି ହତାଶେ ଚାହିଁଲି
ଜୀବନ ଜଟିଳ ଅଙ୍କ ।
ଜୀବନ ମରଣ ସାପ ଶିଡ଼ି ଖେଳେ
ଭିତତ୍ରସ୍ତ ଅହରହ
ସମୟ ଭ୍ରମରେ ପଡିଉଠି ଧାଏଁ
କାଳ କହେ ଟିକେ ରୁହ ।
ଯନ୍ତ୍ରଣା ଜୂଇଟା ଜଳୁଛି ଏବେ ବି
ଜଳେ ହୋଇ କଲବଲ
ନର୍କର ଦୂରତା ଶୂନ ହେବ ଏଠି
ପାଶେ ପାପ କରେ ଗେଲ ।
ତ୍ରସ୍ତା ମୃଗୁଣୀ ସମ ନିରିଖଇ
ମୋ ଶୁଷ୍କ ପୁଣ୍ୟ ଆକାଶେ
ପ୍ରତିଧ୍ୱନି ସିଏ ତୋଳିଲେ ଆହାନେ
ନିଜକୁ ଚାହେଁ ହତାଶେ ।
ଅମଣିଷ ପଣିଆ ଶତ ଦଂଶନେ
ସାଜି ଏବେ ପଳାତକ
ଶୁନ୍ୟତାର ଦାଣ୍ଡିବୃତ୍ତ କର୍ଣ୍ଣ ଶୁଣେ
ପଡିଲା ମାତ୍ରେ ପଲକ ।
ଘୁଞ୍ଚି ଘୁଞ୍ଚି ଯାଏ ମୋହର ପଦୁଅଁ
ଥାଇ କଳୁଷିତ ନୀରେ
ଧିକକାରେ ନିଜର ମାୟା ମଗ୍ନ ମନେ
ସବୁ ଶେଷ ହେବା ପରେ ।

ପ୍ରତାପ ନଗରୀ, କଟକ

ମୋ ୮୨୪୯୯୩୨୭୯୨

## ବାଟଘର

ସ୍ନିଗ୍ଧା ପଣ୍ଡା



ତୁ ନ ଡାକିଲେ ବି
କିମ୍ବା ତୁ ଡାକୁଥିବୁ
ମତେ ଶୁଭୁ ନ ଥିବ
ମତେ ସବୁବେଳେ
ଲାଗେ ଡ଼ାକୁଚୁ ବୋଲି
ମୋର ତ ଅନେକ ଇଛା
ତୋ ପାଖକୁ ଯିବାକୁ
ସଂସାର ଯାକର ଅନ୍ଧାର ଠେଲି
ଏଣେ ନ ଯିବା ପାଇଁ ହଜାରେ ବାହାନା
ଥାଏ ସମସ୍ତଙ୍କ ଅଣ୍ଟିରେ
ମତେ ଅଟକେଇଦେବାକୁ
ଗୋଟେ ଗୋଟେ
ମର୍ମଭେଦୀ ଶର ଭଳି ?
ମୁଁ ତୋ ପାଖକୁ ଯିବାକୁ
କାହିଁକି କାହାର ମନକୁ ପାଏନାହିଁ ?
ଏଠି ମୁଁ ଦି'ଦିନର କୁଣିଆଁ
ତା' କେହି ବୁଝେନାହିଁ
ଯିବା ପାଇଁ
ଅଟକି ଯାଇଛି ସିନା ବାଟଘରେ
ଏ ଘର ତ ଖାଲି ବସା-ଉଠା ପାଇଁ
ସବୁ ଦିନ ରହିବାକୁ ତୋ ଛଡ଼ା
ଆଉ ମୋର ବାସ କାହିଁ ?
ଖବର ଦେଇ
ଥରେ ଯାଇଥିଲି ଅଣ୍ଡାଳି ଅଣ୍ଡାଳି
ଝାପସା ପାଦ ଚିହ୍ନ ତୋର
ପହଞ୍ଚିଯାଇଥିଲି ବି
ବର୍ଷା ଝଡ ଅନ୍ଧାର ରାତିରେ
ହାତ ଦେଲି କବାଟରେ
ଚିକ୍ ଚିକ୍ ବିଜୁଳିରେ
ଦିଶିଗଲା ଲେଖାଅଛି
ଭିତରକୁ ମନା ମତେ
ହାୟ ! ବେଳ କାଳେ ଆସିନାହିଁ ମୋର
ପୁଣି ମତେ ଭୋଗିବାର ଅଛି ତେଣୁ
କେତେଟା ଜନ୍ମ ଜଞ୍ଜାଳର ?
ଏବେ ଏବେ ଶୁଣିଲି
ଆଜିକାଲି ତୁ ବି ଚାହୁଁ
କେମିତି ହେଲେ ବି ଦେଖା ହେଉ
ସେଥିପାଇଁ ସଜେଇଚୁ ଆସିବାର ବାଟ
ଦାଣ୍ଡକୁ ବଡ଼ଦାଣ୍ଡ କରି
ପିଣ୍ଡିରୁ କଦମ୍ବ ଫୁଲିଆ ପାଟ
ସାଙ୍ଗ ସାଥୀରେ କହିଦେଇଛୁ
ବାହାରେ ଠିଆ କରି ଗାଡ଼ି
ଆସିବୁ, ବସିବୁ ବାଟଘରେ
ଯେଉଁଠି ମୁଁ ଜଗି ଥାଏ
ତତେ ଝରକା ଫାଙ୍କରେ
ସାରା ଖଞ୍ଜାର, ଅଗଣାର ଭିଡ଼ ଠାରୁ
ଅନେକ ଦୂରରେ
ଯିବା ପାଇଁ ଅନୁକୂଳ ଯେଉଁଠାରୁ
କରିଥିଲି ସେଦିନ
ପାଦରେ ଆଙ୍କିଲା ପରେ
ଅଳତାରୁ ଧାରେ ?
ସତ ଯଦି ଏଇ ଶୁଣା କଥା
ଆଉ ବେଶି ଲୋଡିବି ଯେ କଣ ?
ନିର୍ବାଣ ତ ମୋ ଦୁଆରେ ଠିଆ
ତୁ ପାହାଚରୁ ଓହ୍ଲେଇଲା ବେଳକୁ
ଦେଖିବୁ
ମୁଁ ଏଥର କାଟି ସାରିଥିବି ବାଟଘର ମାୟା ?

ଲହଣ୍ଡା, ବରଗଡ-୭୬୮୧୧୧

ମୋ-୯୮୬୧୩୨୩୬୫୦

## ଏଇ କଲମ

ସୁଦର୍ଶନ ମହାପାତ୍ର



କେତେଥର
ମୋ ହାତ ଧରି ନେଇ ଯାଇଚି
ଆମ ଗାଆଁ ନଈକୂଳକୁ,
କାଚକେନ୍ଦୁ ନଇପାଣିରେ
ଘୁମେଇ ପଡିଥିବା ଜହ୍ନ ପାଖକୁ,
ଏଇ କଲମ..!
ପାଚିଲା ଧାନକ୍ଷେତ
ସକାଳ ସୁନେଲି କିରଣ
ବିମୁଗ୍ଧ ଗୋଧୂଳି
ଶିଶିର ସ୍ନାତ ଦୁର୍ବାଦଳ
କଳା ଘୁମର ବାଦଲ
ଇନ୍ଦ୍ରଧନୁ ରଙ୍ଗ
ଆଉ ସରଗର ପାରିଜାତ ଦେଇ
ସ୍ୱର୍ଗ ବୁଲେଇଚି
ମତେ ସେ ନେଇ ଯାଇଚି
ନଗଡା ରାସ୍ତାକୁ
କୁନ୍ଦୁଲି ପୀଡିତାର
ମୁଦିଲା ଆଖିର ସ୍ୱପ୍ନକୁ
ଦେଉଳ ବାହାରେ ଠିଆ
ପଟା ତାଟିଆର ଶୂନ୍ୟତାକୁ
ନେଇ ଯାଇଚି ବି ସେ ମୋତେ
ଉଦାସ ବୃଦ୍ଧାଶ୍ରମର
କାକୁସ୍ଥ ଚାହାଣି ମାନଙ୍କ ପାଖକୁ
ଯେଉଁଠି ସହାନୁଭୂତି ଅପହଞ୍ଚ
ସେ ନେଇ ଯାଇଚି ମୋତେ ସେଇଠିକି
ଯାହାଙ୍କୁ ସ୍ନେହ ଅନୁରାଗ ଛୁଇଁନି
ତାଙ୍କୁ ନେଇ ମୋତେ ଛୁଆଁଇଛି
ହୃଦୟର ଦୈର୍ଘ୍ୟ ପ୍ରସ୍ଥ
ମତେ ସେଇ ମପେଇଚି
ଭୂମିରୁ ଭୂମା
ବିନ୍ଦୁରୁ ବ୍ରହ୍ମାଣ୍ଡ
ମତେ ଦେଖେଇଚି..
ଏଇ କଲମ...!!!

କୁଞ୍ଜବିହାରୀ ଲେନ, କଟକ

## ଗାଣିତିକ ସୂତ୍ର

ଆଦ୍ୟାଶା ମହାପାତ୍ର



ମନେ ପଡୁନି ମୋର
ସେଇ ଗାଣିତିକ ସୂତ୍ର
ଯେଉଁଠି...
ଶୂନ କୁ ହେବାକୁ ପଡ଼ ? ଅବିନଶ୍ୱର
ପୁଣି ଶୂନ୍ୟରେ ବିଲୟ ହେଉନଥାଏ
ଜୀବନର ପାତ୍ର
ଗଣିତ ସତରେ ବଡ଼ ଜଟିଳ
ଅଛିଣ୍ଡା ସମାଧାନର ମାୟା ଜାଲ
ଯେତେ କଷିଲେ ବି ବାହାରୁ ନଥାଏ
ନିକର୍ଷ ଉତ୍ତର
ପାଣିରେ, ପବନରେ, ଗତିରେ
ବସ୍ତୁରେ,ନୌକାରେ,ପରମାଣୁରେ
କାହିଁକି ଭରିଥାଏ ଗଣିତ ?
ବାୟୁରେ,ଜଳରେ,ଭାଗବଣ୍ଟାରେ
ପୁଣି ହୃଦୟର ଆବେଗରେ,
ଭଲ ପାଇବାରେ, ସ୍ନେହ ଅନୁରାଗରେ
କିଏ ତିଆରିଲା ଅନୁପାତ
ଆଉ ସଂକେତ ସଂଘାତ
ଏ ମହର୍ଗ ଦୁନିଆରେ
ସମୟ ତିଆରି ପାରିନାହିଁ
ସମସ୍ତଙ୍କ ପାଇଁ ଏକା ପରି ସୂତ୍ର !
କିଏ କେବେ କାନ୍ଦୁଥାଏ ନିଃଶବ୍ଦରେ
କିଏ ପୁଣି ହସୁଥାଏ
ହିସାବର ମୂଳଦୁଆ ଧରି
କେହି କ'ଣ ମାପି ପାରିଚି କି
ହସ ଅବା ଲୁହର ସାନ୍ଦ୍ରତା !
କେଜାଣି ?
ମୁଁ ତ କେବେ ଦେଖାଇ ପାରିନାହିଁ
ଯୁକ୍ତ ବିଯୁକ୍ତ ଗୁଣନ ବା ହରଣର
ବ୍ୟବହାରିକ ପାରଦର୍ଶିତା
ଅତଏବ
ମୁଁ ଭୁଲିଯାଇଛି ସବୁ ଆତ୍ମଗ୍ଲାନି
ଅତିକ୍ରମ କରି ଆସିଛି
ସ୍ୱପ୍ନର ସୀମା ସରହଦକୁ
ଯେଣୁ ମୁଁ ଅନୁପଯୁକ୍ତ
ନିର୍ଣ୍ଣୟ କରିବାକୁ ନିର୍ଭୁଲ କ୍ଷେତ୍ରଫଳ
ଯୁଦ୍ଧଭୂମିର ଜୀବନକୁ
ତେଣୁ, ଫେରିବାକୁ
ଚାହେଁନା କଳାପଟାକୁ
ବୁଝାଇବାକୁ କପଟର କାରନାମାକୁ
ଜୀବନର ଅସମାହିତ ପ୍ରଶ୍ନର ଉତ୍ତର
ଗାଣିତିକ ସୂତ୍ରରେ
ବୁଝାଇ ଦେବାକୁ...!!!

ନୂଆପଡା, କଟକ

## ଶୀତ ଆସିଛି

ପ୍ରଶାନ୍ତ କୁମାର ନାଥ

ଶୀତ ଆସିଛି ଝାଟିମାଟି କୁଡିଆ ଘର
କାନ୍ଥରେ ଲିପି ହୋଇ
ଫୁଙ୍ଗୁଳା ଦେହମାନଙ୍କୁ
ସ୍ପର୍ଶ କରିବାର ଆଶା ନେଇ,
ଶୀତ ଆସିଛି...
ଫୁଟ ପାତରେ ନିରିହ ମଣିଷର
ଖଣ୍ଡିଏ ଚିରା ଫଟା କମଳ ଭିତରେ
ପୁଣି କେବେ ଗରିବ ମଣିଷର ସାତ
ସିଆଁଳୁଗା ଦେହରେ।
ଶୀତ ଆସିଛି...
କେଳା ବସ୍ତିର ପାଲ ଟଣା ଟମ୍ଭୁ ଭିତରେ
କୃଷକର ଧାନ କ୍ଷେତରେ
କେବେ କେବେ ଧସେଇ ପସୁଛି
ଧନୀଲୋକର ମଖମଲି କମ୍ବଳ ଭିତରେ,
ଶୀତ ଆସିଛି..
ମଗୁଶିର ମାଣବସା ଗୁରୁବାର ଓଷାରୁ
ଉତ୍ତରାରୁ ବାଆରୁ
ଫୁଲମାନଙ୍କର ମିଠା ମିଠା ବାସ୍ନାରୁ
ଆଉ ଏକ ସ୍ୱର୍ଗର ଅଭିଳାଷ ନେଇ
ମର୍ତ୍ତ୍ୟ ବୈକୁଣ୍ଠ କୁ ତାର
ଉପହାର ଦେଇ।
ଶୀତ ଆସିଛି...
ନଈ କୂଳ ତୁଟାକୁ ହଳଦୀ କ୍ଷେତକୁ
କଟକର ବାଲି ଯାତକୁ
ସୁଦୂର ବିଦେଶରୁ ଉଡିଆସୁଥିବା
ପକ୍ଷୀଙ୍କ ରାବରୁ ,
ଭିତରକନିକା ଦର୍ଶକଙ୍କ ଭିଡରୁ
ନଦୀ ମୁହାଣରେ ଖରା ଖାଉଥିବା
ଶଙ୍ଖୁଆ କୁମ୍ଭୀର ଦେହରୁ।
ଶୀତ ଆସିଛି..
ସୁଦୂର ପାହାଡ଼ ବନାନୀ ଘେରା ପଲ୍ଲୀ
ଗାଆଁ ଭିତରୁ
ଶୀତ ଆସିଛି ଡ଼ଙ୍ଗରିଆ ଙ୍କ ମଧୁର
ଗୀତା ଲହରୀରୁ
ଶୀତ ଆସିଛି କୋରାପୁଟ ଦେହରେ
ହଜେଇ ଭିଜେଇ ସଜେଇ ହୋଇ,
ଶୀତ ଆସିଛି ଅଳକା ପୁରୀର
ନର୍ତ୍ତକୀ ହୋଇ
ଧରାକୁ ତା'ର କୁଝ୍‌ଝଟୀକାର ମୁଦ୍ରାରେ
ମୁଦ୍ରାୟିତ କରିବାକୁ
ଶିଶିର ଟୋପାରେ ଗୀତ ଗାଇ
ଘାସ ଗାଲିଚାରେ ନିରବ
ନିଶିରେ ଶୋଇ ଯିବାକୁ।

ରାଜନଗର , କେନ୍ଦ୍ରାପଡ଼ା

ମୋ ୮୬୫୮୨୫୨୪୨୬

## ବିକାଶ କେଉଁଠି ହେଉଛି ?

ବିରଜା ପ୍ରସାଦ ପରିଡା



ଦେଶ ବିଦେଶରେ ସହରେ ବଜାରେ
ବିକାଶର ନାରା ବାଜୁଛି,
ପଲ୍ଲୀ ,ଗ୍ରାମ କଥା ପଚାରୁଛି କିଏ ?
ବିକାଶ ଦାଦନ ଖଟୁଛି ।
ପିତମ୍ବର ଭାଇ ମୂଳ ଲାଗୁଥିଲା,
ଏବେବି ସେ ମୂଳ ଲାଗୁଛି,
ବିକାଶର କଥା ପଚାରିଲା ବେଳେ,
ହସି ହସି ଗଡି ଯାଉଛି ।
ହସିବା କାରଣ ପଚାରି ବୁଝିଲେ
ଉତ୍ତରଟା ସିଏ ଦେଉଛି,
ମୂଳ ଲାଗୁଥିଲି ଏବେବି ଲାଗୁଛି
ବିକାଶ କେଉଁଠି ହେଉଛି ?
ମାଗୁଣି ଭିକାରି ଭିକମାଗି ଚଳେ
ଏବେବି ତ ଭିକ ମାଗୁଛି,
କାରଣ ତାହାକୁ ପଚାରିଲା ବେଳେ,
ଉତ୍ତର ସେ ମୋତେ ଦେଉଛି,
ଖାଲି ଚାଉଳ ଗଣ୍ଡାଏ ପାଉଛି,
ସେଥିରେ କଣ ମୋ ପେଟ ପୁରି ଯିବ
ସେଥିପାଇଁ ଭିକ ମାଗୁଛି।
ହଳଧର ଭାଇ ଚାଷ କରୁଅଛି,
ଚାଷେ କି ତା ପେଟ ପୁରୁଛି,
ସକାଳ ପହରୁ ବିଲକୁ ଯାଉଛି,
ବେଳ ବୁଡେ ସେଠୁ ଫେରୁଛି।
ବିକାଶ ର କଥା କାହୁଁ ସେ ବୁଝିବ,
ଦୁଃରଦିନ ତାହାକୁ ଘାରିଛି,
ତାକୁ ପଚାରନ୍ତେ ବିକାଶର କଥା,
ମନ ଦୁଃଖେ ଭାରି କହିଛି,
ବଡ ବଡିଆଙ୍କ ବିକାଶ ହେଉଛି,
ଆମ କଥା କିଏ ବୁଝୁଛି ?
ବଢିଲା ଝିଅ ତା ଘରେ ରହିଲାଣି,
ସେଥି ପାଇଁ ମୁଣ୍ଡ ବିନ୍ଧୁଛି,
ବିକାଶ ହେଉଛି ଶୁଣିଲା ବେଳକୁ,
ମନେ ଘୃଣା ଭାବ ଆସୁଛି।
ସେ କଥାବି ତାକୁ ପଚାରିଲା ବେଳେ
ମନ ଦୁଃଖେ ଭାରି କହୁଛି,
ସକାଳୁ ସଞ୍ଜ ଯାଏ ଖଟୁଛି,
ପେଟମୋ ମୋ ପୁରୁନି ଅଭାବେ ରହୁଛି,
ମୋ କଥା କିଏ ସେ ବୁଝୁଛି,
କି ବିକାଶ ଏଠି ହେଉଛି ?
ଆମରି ଗାଁର ମଦନା ସାହୁ ଟି
ବେଳ ନ ପୁରୁଣୁ ଯାଇଛି,
ବିଧବା ସ୍ତ୍ରୀ ତା ଘରେ ରହି କରି
ସଂସାରର ବୋଝ ବହୁଛି।
ଝିଅ ଦୁଇ ଜଣ ଗୋଟାଏ ତ ପୁଅ,
ତାକଂ ପାଇଁ ଦାନା ଖୋଜୁଛି,
ବଢିଲା ଝିଅ ତା ଘରେ ରହିଅଛି,
ତା କଥା କିଏ ବୁଝୁଛି।
ପାଠ ପଢା ପାଇଁ ମନ ତା ବଳିଲା
ତାକୁ ସୁଯୋଗ କିଏସେ ଦେଉଛି,
ମା ତା କହୁଛି,ଖାଇବାଟା କଷ୍ଟ
ପାଠେ କିଆଁ ମନ ବଳୁଛି।
ଏଥିରୁ ବୁଝିବା ବିକାଶ ର କଥା
କେତେ ଓ କେଉଁଠି ହୋଇଛି।
ବାଟ ବଣା ହୋଇ ସେମାନକଂ ପାଇଁ
ବିକାଶ ଶେଷରେ ରହିଛି ।

କଳାମାଟିଆ, ବରୀ
ଯାଜପୁର

## ମୁଠାଏ ଶୂନ୍ୟତା

ରମାକାନ୍ତ ଦାସ



ସମସ୍ତ ଗହଳ ଚହଳ ସତ୍ତ୍ୱେ
ମୋ ଭାବନା ସହରରେ ଅତୀତର ଭିଡ଼
ମୋ ହୃଦୟରେ ଭରିରହିଛି
ଭରପୂର ସ୍ମୃତି
ଅଥଚ ମୋ ହୃଦୟର ପାତ୍ରଲାଗେ ଶୂନ୍ୟ
ଅନେକ ଚେଷ୍ଟା ପ୍ରଚେଷ୍ଟା ପରେ ବି
ମୋ ହୃଦୟରେ ଭରେନାହିଁ
ସେଇ ମୁଠାଏ ଶୂନ୍ୟତା ॥
ଗଡିଯାଏ ସମୟ କିନ୍ତୁ
ସରେନାହିଁ ଭାବନା
ନିଃଶବ୍ଦ ଅନ୍ଧାର ରାତିରେ
ହୃଦୟର ବୋଝ ସବୁ
ଗୋପନରେ ଗାଆନ୍ତି
ସ୍ମୃତିର ଅଭୁଲା ସଙ୍ଗୀତ ସବୁକୁ
ମନର ଅବ୍ୟକ୍ତ ଆଶାସବୁ
ଲୁହ ହୋଇ ବହିଯାଆନ୍ତି
ଲୋତକ ଧାରରେ
ଏ ଶୂନ୍ୟତାର ଗୁଞ୍ଜନ ହୃଦୟକୁ ଚିରିଦିଏ
ଲୋତକ ଧାରରେ ମେଞ୍ଚାଏ ନୀରବତା
ନିଃଶବ୍ଦରେ ଗର୍ଜନ କରେ
ହେଲେ କେବେ ଭରେନାହିଁ
ମୋ ହୃଦୟର ମୁଠାଏ ଶୂନ୍ୟତା ॥

ନନ୍ଦିଗ୍ରାମ , ନାଉଗାଁ , ଜଗତସିଂହପୁର

ମୋ-୯୬୬୮୮୧୫୩୬୯



# ମୋ ଓଡ଼ିଶା

## ଡାକ୍ତର ଗୋବିନ୍ଦ ଦାସଙ୍କ ବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା□ଳ ଅନ୍ତର୍ଗତ ବଳଗଣ୍ଡି ଗ୍ରାମସ୍ଥିତ ଶତାୟୁ ଡାକ୍ତର ଗୋବିନ୍ଦ ଚନ୍ଦ୍ର ଦାସଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କେଶପୁର ପ□ାୟତର ଅରୁଆ କଦଳୀବଣ ଗ୍ରାମରେ ୧୯୧୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଡାକ୍ତର ସ୍ୱର୍ଗତ ଦାସ ହେଉଛନ୍ତି ଲୋକସେବକ ମଣ୍ଡଳର ପ୍ରାକ୍ତନ ସଭାପତି ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସମ୍ପୁଦି। ସେ ୧୯୫୨ରୁ ୧୯୫୮ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ସୈନ୍ୟବାହିନୀରେ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ। ଏଥିସହିତ ୧୯୬୪ ମସିହାରେ ଓଡ଼ିଶାର ତତକାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କର ମଧ୍ଯ ଡାକ୍ତର ଥିଲେ। ସେହିବର୍ଷ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଅସୁସ୍ଥ ହୋଇପଡିବାରୁ ସ୍ୱର୍ଗତ ଦାସ ତାଙ୍କୁ ଚିକିତ୍ସା କରିଥିଲେ। ୧୯୬୪ ମସିହା ଶେଷ ଭାଗରେ ସ୍ୱର୍ଗତ ଦାସ ସ୍ୱେଚ୍ଛାକୃତ ଅବସର ନେଇ କେନ୍ଦ୍ରାପଡା ସହରର ବଳଗଣ୍ଡି ଠାରେ ନିଜ କ୍ଲିନିକରେ ଚିକିତ୍ସା କରୁଥିଲେ। ତାଙ୍କ ବିୟୋଗରେ ସାରା କେନ୍ଦ୍ରାପଡା ସହରରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହ□ ମର ଶରୀର ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ

## —ଯୀଶୁ ଏବଂ କୃଷ୍ଣ—





ଇତିହାସରୁ ଜଣାଯାଏ - ପ୍ରଥମେ ୩୫୪ ଖ୍ରୀଷ୍ଟାବ୍ଦରେ ରୋମ୍‌ର ବିଶପ ଲିବେରିୟୁସ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମିଶି ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବରେ ପାଳନ କରିଥିଲେ। ଏହାପରେ ୪୩୨ ଖ୍ରୀଷ୍ଟାବ୍ଦରେ ପୁରାତନ ଜୁଲିୟନ୍ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୬ ତାରିଖରେ ଖ୍ରୀଷ୍ଟମାସ୍ ପାଳନ କରାଗଲା। ଏହାପରେ ଧୀରେ ଧୀରେ ସାରା ପୃଥିବୀରେ ଖ୍ରୀଷ୍ଟିଆନ୍‌ମାନେ ବଡ଼ଦିନ ପାଳନ କଲେ। ଷଷ୍ଠ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଏକ ପରମ୍ପରାର ରୂପ ନେବାକୁ ଆରମ୍ଭ କରିଥିଲା। ଭାରତ ସମେତ ଦୁନିଆର ଅଧିକାଂଶ ଦେଶରେ ଏହି ଉତ୍ସବ ୨୫ ଡିସେମ୍ବରରେ ପାଳନ କରାଯାଏ। ମାତ୍ର ରୁଷ, ଜର୍ଜିଆ, ମିଶର, ଅରମେନିଆ, ୟୁକ୍ରେନ୍ ଓ ସର୍ବିଆ ଆଦି ଦେଶରେ ଜାନୁଆରୀ ୭ ତାରିଖରେ ଏହାର ଆୟୋଜନ କରାଯାଏ। କାରଣ ପାରମ୍ପରିକ ଜୁଲିୟନ୍ କ୍ୟାଲେଣ୍ଡରର ଡିସେମ୍ବର ୨୫ ତାରିଖ ଅର୍ଥାତ୍ ବଡ଼ଦିନ ଗେଗୋରିଆନ୍ ଓ ରୋମାନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୭ ତାରିଖରେ ପଡ଼େ। ଖ୍ରୀଷ୍ଟମାସ୍ ଶବ୍ଦଟି - 'ଖ୍ରୀଇଷ୍ଟସ୍' ଏବଂ 'ମାସ୍' ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି। ଖ୍ରାଇଷ୍ଟସ୍‌ର ଅର୍ଥ ଯୀଶୁଖ୍ରୀଷ୍ଟ ଏବଂ ମାସର ଅର୍ଥ ହେଲା ମିଳିତ ପ୍ରାର୍ଥନା। ଲେଖକ ଲୁଇସ୍ ଜ୍ୟାକୋଲିୟତ୍ ୧୮୬୯ରେ ଦି ବାଇବେଲ ଇନ୍ ଇଣ୍ଡିଆ ନାମକ ଏକ ପୁସ୍ତକ ଲେଖିଥିଲେ। ଏହି ପୁସ୍ତକରେ ଯୀଶୁ ଏବଂ କୃଷ୍ଣ ଜଣେ ବୋଲି ସେ ଉଲ୍ଲେଖ କରିଥିଲେ। ଲୁଇସ୍ ଜ୍ୟାକୋଲିୟତ୍ ଥିଲେ ଫରାସୀ ସାହିତ୍ୟିକ ତଥା ଓକିଲ। ନିଜ ପୁସ୍ତକରେ ସେ କୃଷ୍ଣ ଏବଂ ଖ୍ରୀଷ୍ଟଙ୍କ ମଧ୍ୟରେ ତୁଳନା କରିଥିଲେ। ଲୁଇସ୍ ନିଜ ପୁସ୍ତକରେ ଲେଖିଥିଲେ ଯେ ଖ୍ରୀଷ୍ଟ ବା କ୍ରାଏଷ୍ଟ ଶବ୍ଦର ଅର୍ଥ କୃଷ୍ଣ ଶବ୍ଦର ରୂପାନ୍ତରଣ । ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଖ୍ରୀଷ୍ଟିୟାନ ନାମରେ ଜଣାଶୁଣା। ଏହି ଅନୁଗାମୀମାନେ ହିଁ ଖ୍ରୀଷ୍ଟଙ୍କୁ 'ଯାସ୍‌ସ' ନାମ ଦେଇଥିଲେ। ଏହାର ଅର୍ଥ ହେଉଛି ମୂଳ ତତ୍ତ୍ୱ। ଗୀତା ଏବଂ ଅନ୍ୟ ଧର୍ମଗ୍ରନ୍ଥରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ ଏହି ରୂପରେ ବ୍ୟକ୍ତ କରାଯାଇଛି। ଯୀଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ସେ ନିଜ ଜୀବନର କିଛି ସମୟ ଭାରତରେ ବିତାଇଥିଲେ। ଯୀଶୁ ପ୍ରାଚୀନ ବ୍ୟବସାୟିକ ମାର୍ଗ ସିଲକ୍ ରୁଟ୍ ଦେଇ ଭାରତ ଆସିଥିଲେ ବୋଲି ଐତିହାସିକ ପ୍ରମାଣ ମିଳେ। ସେ ତିବତ୍ ଏବଂ କାଶ୍ମୀରର ମୋନାଷ୍ଟ୍ରିରେ କିଛି ସମୟ ବିତାଇଥିଲେ। ସେଠାରେ ବୌଦ୍ଧ ଏବଂ ଭାରତୀୟ ଧର୍ମଗ୍ରନ୍ଥର ଅଧ୍ୟୟନ କରିଥିଲେ। ଭାରତ ଭ୍ରମଣ ସମୟରେ ଯୀଶୁ ଓଡ଼ିଶାର ଜଗନ୍ନାଥଧାମକୁ ମଧ୍ୟ ଆସିଥିଲେ। ସେଠାରେ ରହି କିଛି ଦିନ ଅଧ୍ୟୟନ କରିଥିଲେ ବୋଲି ଜଣାଯାଏ।

**ଅଲେଖ ଚନ୍ଦ୍ର ସାମଲ**, ଓଏଫଏସ-୧ (ଏସ୍.ବି.), ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

## ସତ୍‌ସଙ୍ଗର ଆହ୍ୱାନ: ଧର୍ମାନ୍ତରୀକରଣମୁକ୍ତ ଭାରତ





ସତ୍‌ସଙ୍ଗର ପ୍ରାଣପୁରୁଷ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସର୍ବଧର୍ମ ସମନ୍ୱୟକାରୀ ଆଚରଣ ଓ ଉଚ୍ଚାରଣରେ ବିମୋହିତ ହୋଇ ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ଭକ୍ତଗଣ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଆବାଳବୃଦ୍ଧବନିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁ ରୂପେ ବରଣ କରିଥିଲେ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମ କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତାସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନୈକ ଭକ୍ତ ହାର୍ଭାଡ଼ ବିଶ୍ୱବିଦ୍ୟାଳୟରପ୍ରଫେସର ଏଡ଼ମଣ୍ଡ ସ୍ପେନ୍‌ସର ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ-ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ୍ୟ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର ଭାଇ ବାଇବେଲ୍‌ରୁ ପଢ଼ିଲେ-ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମଠାରୁ ଦୁଇଗୁଣ ଖରାପ ହୋଇପାରେ। (ମାଥ୍ୟୁ. ୨୩;୧୫) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୁରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ଏହି ପ୍ରସଙ୍ଗରେ ପୁନରାୟ ଆମେରିକାନ୍ ଭକ୍ତ ସ୍ପେନ୍‌ସର୍ ଭାଇ ପରିପୂରଣୀ ଦୀକ୍ଷା ସମର୍ଥନରେ ବାଇବେଲ୍‌ରୁ ପଢ଼ି ଶୁଣାଇଲେ-ସ୍ୱର୍ଗୀୟ ଜୀବନବାଦରେ ଦୀକ୍ଷିତ ପ୍ରତିଟି ଇହୁଦୀ ଧର୍ମଶାସ୍ତ୍ରଜ୍ଞ ବ୍ୟକ୍ତି ସେହି ଗୃହୀର ସମତୁଲ୍ୟ ଯିଏ କି ତାର ଭଣ୍ଡାରରୁ ପ୍ରାଚୀନ ଓ ନବୀନ ସବୁକିଛି ବାହାର କରି ଦେଖାଇପାରେ। (ମାଥ୍ୟୁ. ୧୪;୫୧)। ଜଣେ ମୌଲବୀ ସାହେବଙ୍କ ସହିତ ଇସ୍‌ଲାମ ସମ୍ପର୍କରେ କଥା କହୁ କହୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ଇସ୍‌ଲାମ ଶବ୍ଦର ଅର୍ଥ ଖୋଦାଙ୍କ ଠାରେ ଆତ୍ମନିବେଦନ ବା ଶାନ୍ତି। କଲେମା, ନାମାଜ, ରୋଜା, ହଜ୍ ଓ ଜାକାତ୍-ଏହି ପାଞ୍ଚଟି ଅନୁଷ୍ଠାନ ମୁସଲମାନମାନଙ୍କର ଅବଶ୍ୟ କରଣୀୟ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି। ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନାମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ-ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଭଗବାନ ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ୍ ଆସୁଥିଲା। ମୋର ମନେହୁଏ ଭଗବାନ ଯୀଶୁଖ୍ରୀଷ୍ଟ ମଧ୍ୟ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ପୟଗମ୍ବର ରସୁଲ୍ ମଧ୍ୟ ନୂର୍ ଓ ଆୱାଜ୍ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ- ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାକୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ।

**ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର**, ସହପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଞ୍ଜ। ପରୀକ୍ଷାମୂଳକ ଭାବେ ପେମ୍ବିଏଞ୍ଜକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଞ୍ଜର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଞ୍ଜ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଞ୍ଜ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ସାହିତ୍ୟିକ ଇଂ.ନିରାକାର ମହାଳିକଙ୍କ ସ୍ମୃତିସଭା




ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା କାର୍ଯ୍ୟାଳୟରେ ଓଡିଶାର ଜଣେ ବରିଷ୍ଠ ଲେଖକ ଓ ଗବେଷକ ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଶିଷ୍ଟ ସ୍ତମ୍ଭକାର ଏବଂ ସାହିତ୍ୟିକ ସୌମେନ୍ଦ୍ର କୁମାର ଜେନା କହିଲେ ଯେ, ଏକ ସରଳ, ନିରଳସ, ନିଷ୍ଠାପର ଏବଂ ନୀରବ ସାଧକ ସ୍ୱର୍ଗତ ଇଂ. ନିରାକାର ମହାଳିକ ରାଷ୍ଟ୍ରୀୟ ବିଚାରଧାରାକୁ ସଦାସର୍ବଦା ଅଗ୍ରାଧିକାର ଦେଉଥିଲେ । ବୃତିରେ ଇଂଜିନିୟର ହୋଇଥିବା ସତ୍ତ୍ୱେ ପ୍ରବୃତିରେ ସିଏ ଥିଲେ ସାହିତ୍ୟ ସାଧକ । ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ଗବେଷଣାତ୍ମକ ଏବଂ ତଥ୍ୟପୂର୍ଣ୍ଣ । ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ମଧ୍ୟରେ ଭାରତୀୟ କାଳର ବିଶ୍ୱରୂପ, ମନସ୍ୱୀ ବିକ୍ରମଦେବ ବର୍ମା, କନ୍ଧକବି ଭୀମଭୋଇ, ଆର୍ଯ୍ୟପରମ୍ପରା ଓ ଓଡିଶାର ସାମରିକ ସଂସ୍କୃତି,ରେଢାଖୋଲ ଇତିହାସ, ଶ୍ରୀ ହରିଶଙ୍କର, ଶ୍ରୀ ନୃସିଂହନାଥ, ବେଦବ୍ୟାସ, ମଧ୍ୟାହ୍ନର ସ୍ୱର, ଇଂ. ସାର ବିଶ୍ୱେଶରାୟା ଏବଂ ନାଟ୍ୟରଥି ଗୋପାଳ ଦାସ ଆଦି ଉଲ୍ଲେଖନୀୟ । ଏହାଛଡା ଓଡିଶାର ଏକ ପ୍ରମୁଖ ନିର୍ମାଣ ହିରାକୁଦ ନଦୀବନ୍ଧର ଅନ୍ୟତମ ପୁରୋଧା ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କ ଜୀବନୀ ଉପରେ ଏକ ଇଂରାଜୀ ବହି ମଧ୍ୟ ରଚନା କରିଛନ୍ତି । ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କୁ ଜଣେ ସରଳ ଦରଦୀ ହୃଦୟବ୍ୟକ୍ତି ଭାବରେ ବର୍ଣ୍ଣନାକରି ଏହି ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିଗଣ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ପତି, ସ୍ତମ୍ଭକାର ସମନ୍ୱୟ ନନ୍ଦ, ସ୍ତମ୍ଭକାର ଅନୀଲ ବିଶ୍ୱାଳ, ଅଶୋକ ସାହୁ, ଅଧିବକ୍ତା ଲକ୍ଷ୍ମୀଧର ଦାଶ, ନାରାୟଣ ଦାସ ମାୱତୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଆଦି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା ଆୟୋଜିତ ହୋଇଥିଲା ।




# ବୋରୱେଲ ରୋବଟିକ୍ ରେସ୍କ୍ୟୁର କରି ଚର୍ଚ୍ଚାରେ ୩ ଯୁବ ଇଞ୍ଜିନିୟର

ଜୟପୁର,(ପି.ଏନ): ବୋରୱେଲ ଭିତରେ ଅଜାଣତରେ ଛୁଆ ଖସିଯାଉଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବାକୁ ବହୁ ପ୍ରଚେଷ୍ଟା କରାଯାଉଛି। ଏଥିପାଇଁ ବହୁ ସମୟ ଲାଗିଯାଉଥିବା ବେଳେ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। କେତେବେଳେ ପିଲାଟି ସୁରକ୍ଷିତ ଭାବେ ବାହାରିପାରୁଛି ଆଉ କେତେବେଳେ ମୃତ୍ୟୁବରଣ କରୁଛି। ଏଭଳି ବୋରୱେଲରେ ଫସି ରହିଥିବା ପିଲାକୁ ବାହାର କରିବା ପାଇଁ ରୋବଟ ତିଆରି କରି ୩ ଜଣ ଯୁବ ଇଞ୍ଜିନିୟର ଏବେ ଚର୍ଚ୍ଚାକୁ ଆସିଛନ୍ତି। ତିନି ଜଣ ଯୁବ ଇଞ୍ଜିନିୟର ନିଜର ଜ୍ଞାନ କୌଶଳ ଓ ଅଭିଜ୍ଞତାକୁ ବ୍ୟବହାର କରି 'ବୋରୱେଲ ରୋବୋଟିକ୍ ରେସ୍କ୍ୟୁର' ତିଆରି କରିଛନ୍ତି। ଯାହାକି ଗଭୀର ବୋରୱେଲ ଭିତରକୁ ଯାଇ ଫସି ରହିଥିବା ପିଲାକୁ ସୁରକ୍ଷିତ ଭାବେ ବାହାର କରିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।ତିନି ଜଣ ଯୁବ ଇଞ୍ଜିନିୟର ହେଉଛନ୍ତି ଶିଶିର ମଲ୍ଲିକ, ବିରେନ୍ କୁମାର ପ୍ରଧାନ ଓ ଲିଙ୍ଗରାଜ ପ୍ରଧାନ। କୋରାପୁଟ ଜିଲ୍ଲା ଜୟପୁର ସହରର ପାରାବେଡାରେ ଶିଶିରଙ୍କ ଘର ହୋଇଥିବା ବେଳେ ବିରେନଙ୍କ ଘର ଗଞ୍ଜାମ ଜିଲ୍ଲା ବାଦପୁର ଗ୍ରାମ ଓ ଲିଙ୍ଗରାଜଙ୍କ ଘର ଟିକିଟି ବ୍ଲକ କୃଷ୍ଣପୁର ଗ୍ରାମରେ। ତିନି ଜଣ ଛତିଶଗଡ ରାଜ୍ୟର ଏନଏମଡିସି ଠାରେ କାମ କରୁଥିବା ବେଳେ ସେଠାରେ ପରିଚିତ ହୋଇ ସାଙ୍ଗ ହୋଇଥିଲେ। ଚଳିତ ମାସରେ ମଧ୍ୟପ୍ରଦେଶର ବେଟୁଲ ଜିଲ୍ଲାରେ ୪ ଶହ ଫୁଟ ଗଭୀର ବୋରୱେଲ ଭିତରେ ପଡିଥିବା ୮ ବର୍ଷ ବାଳକ ତନ୍ମୟ ସାହୁକୁ ବଂଚାଇବାରେ ଉଦ୍ଧାରକାରୀ ଦଳ ବିଫଳ ହୋଇଥିଲେ। ଦୀର୍ଘ ୬୫ ଘଂଟା ଧରି ଉଦ୍ଧାରକାରୀ ଦଳ ଚେଷ୍ଟା କରି ବାହାର କରିବା ବେଳକୁ ତାର ମୃତ୍ୟୁ ହୋଇ ସାରିଥିଲା। ଛୋଟ ଛୁଆଟି ବୋରୱେଲ ଭିତରେ ଖସି ମୃତ୍ୟୁବରଣ କରିଥିବା ଖବରଟି ଏହି ତିନି ଜଣଙ୍କୁ ଦୁଃଖ ଦେଇଥିଲା। ଏହାପରେ ସେମାନେ ଏମିତି କିଛି ରୋବଟ ତିଆରି କରିବେ ଯାହାଫଳରେ ତାହାକୁ ସୁରକ୍ଷିତ ଭାବେ ଉପରକୁ ଆଣିପାରିବେ ସେନେଇ ଆଲୋଚନା କରିଥିଲେ। ତିନି ଜଣ ଇଲେକ୍ଟ୍ରିକାଲ ଏଣ୍ଡ ଇଲୋକ୍ଟ୍ରୋନିକ୍ସ ଇଞ୍ଜିନିୟର ପଢ଼ିଥିବା ବେଳେ ଏକ ନୂତନ କୌଶଳ ବ୍ୟବହାର କରି ବାହାର କରିବା ପାଇଁ ଚେଷ୍ଟା କରିଥିଲେ। ଗୋଟିଏ ପରେ ଗୋଟିଏ ସାମଗ୍ରୀ ସଂଗ୍ରହ କରି ତିଆରି ଆରମ୍ଭ କରିଥିଲେ। ବର୍ତ୍ତମାନ ସେମାନେ ଏହି ରୋବଟର ଡେମୋ ତିଆରି କରିଛନ୍ତି। ଏହି ରୋବଟ୍ ବ୍ୟାଟେରୀ କିମ୍ବା ବିଦ୍ୟୁତ ଦ୍ୱାର ପରିଚାଳିତ ହୋଇପାରିବ ।ସେମାନେ କହିବାନୁଯାୟୀ, ଏହି ବୋରୱେଲ୍ ରୋବୋଟିକ୍ ରେସ୍କ୍ୟୁର ବିଶେଷତ୍ୱ ହେଉଛି, ବୋରୱେଲ ଉପରେ ଏକ ଲୁହା ଫ୍ରେମ ରଖାଯିବ। ସେଠାରୁ ବୋରୱେଲ ଭିତରକୁ ଏହି ରୋବଟକୁ ଛଡାଯିବ। ଆଇରନ୍ କେବୁଲ ସାହଯ୍ୟରେ ତାହା ଭିତରକୁ ଯିବ ଏବଂ ଉପରକୁ ଆସିବ। ଏଥିପାଇଁ ରୋବାଟିକ୍ କଂଣ୍ଟ୍ରୋଲର ରଖାଯିବ ଯଦ୍ୱାରା ସେହି ରୋବଟକୁ ସେ ନିୟନ୍ତ୍ରଣ କରିପାରିବ। ଏହାର ପାର୍ଶ୍ୱରେ ଉପରେ ୨ଟି ଓ ତଳେ ୨ଟି ଚକ ରହିବ। ଯାହାଫଳରେ ଭିତରକୁ ଯିବା ଓ ଆସିବାରେ ସୁବିଧା ହେବ। ତଳକୁ ଯିବା ବେଳେ ଧୀରେ ଧୀରେ ଅକ୍ସିଜେନ ବାହାରକୁ ଛାଡି ଛାଡି ଯିବ। ପିଲା ନିକଟରେ ପହଂଚିବା ପରେ କ୍ୟାମେରା ସାହାଯ୍ୟରେ ତାହାକୁ ନିରୀକ୍ଷଣ କରାଯିବ। ସେଥିରେ ୱାଟର ପ୍ରୁଫ ଲାଇଟ୍ ଲାଗିଥିବାରୁ ଭିତରର ଚିତ୍ର ଦେଖାଯାଇପାରିବ। ଏଥିସହ ସେଥିରେ କଥା କହିବା ପାଇଁ ମାଇକ୍ ଓ ସ୍ପିକର ବ୍ୟବସ୍ଥା ରହିଥିବ। ପିଲା ନିକଟରେ ପହଂଚିବା ପରେ ତଳ ଫ୍ୟାନ ସାହାଯ୍ୟରେ ଅକ୍ସିଜେନ ଯୋଗାଇବ ଓ ଉପର ଫ୍ୟାନ ଦ୍ୱାରା ତଳେ ଥିବା ଗ୍ୟାସକୁ ଉପରକୁ ଟାଣି ବାହାର କରିବ। ସେହି ସମୟରେ ହାଇଡ୍ରୋଲିକ ହ୍ୟାଣ୍ଡ ଦ୍ୱାରା ପିଲାକୁ ନିଜର ପୋଜିସନକୁ ଆଣାଯିବ। ଏହାପରେ ସେଥିରେ ଥିବା ଦୁଇଟି ପାଇପକୁ ପିଲାଙ୍କୁ ହାତରେ ଧରିବା ପାଇଁ କୁହାଯିବ ଯଦିଓ ସେ ସାନ ପିଲା ହୋଇଥିବେ ଜାଣି ନପାରିବେ ତେବେ ହାଇଡ୍ରୋଲିକ୍ କେବୁଲ ସେଥିରୁ ବାହାରି ପିଲାକୁ ଜାବୁଡି ଧରିବାକୁ ଚେଷ୍ଟା କରିବେ। ଏହା ଦ୍ୱାରା ଧୀରେ ଧୀରେ ପିଲାକୁ ଉପରକୁ ସୁରକ୍ଷିତ ଭାବେ ଟାଣି ବାହାର କରାଯିବ। ଏହି ସମସ୍ତ ବ୍ୟବସ୍ଥା କ୍ୟାମେରାରେ ଦେଖି ତାହାକୁ କଂଟ୍ରୋଲ କରାଯାଉଥିବ ବୋଲି କହିଛନ୍ତି। ଏହାକୁ ତିଆରିରେ ହାଇଡ୍ରୋଲିକ ହ୍ୟାଣ୍ଡ, ଏଲଇଡି ଲାଇଟ୍, କ୍ୟାମେରା, ସ୍ପିକର, ମାଇକ୍, ଚକ, ଅକ୍ସିଜେନ୍ ଟାଙ୍କି, ଫ୍ୟାନ୍, ଲାପଟପ୍ ଆଦି ବିଭିନ୍ନ ସାମଗ୍ରୀର ଆବଶ୍ୟକତା ରହିଛି। ଏହାର ଓସାର ପାଖାପାଖି ୮ ଇଂଚ ଓ ଲମ୍ବା ୨ ଫୁଟ ୬ ଇଂଚ ରହିବ। ଏହା ୫୦ କିଲୋରୁ ଅଧିକ ଓଜନକୁ ଉଠାଇ ଆଣିପାରିବ। ଏହି ଡେମୋ ତିଆରି ପାଇଁ ୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ତିଆରି ପାଇଁ ପାଖାପାଖି ୩୦ ହଜାର ଟଙ୍କା ହେବ ବୋଲି ପ୍ରକାଶ କରିଛନ୍ତି। ଏହି ରୋବଟ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହଯୋଗ ମିଳିଲେ ଆହୁରି ଉନ୍ନତମାନର ସାମଗ୍ରୀ ଲଗାଇପାରିବେ ବୋଲି ସେମାନେ କହିଛନ୍ତି।

# ହକିପୁରକୁ ବିରୋଧ କରୁଛୁ ଶିଳ୍ପପୁର ଲେଖିବାକୁ ଆହ୍ୱାନ - ସୋନପୁରିଆ ସଚେତନ ନାଗରିକ

ସୁବର୍ଣ୍ଣପୁର, (ପି.ଏନ): ଓଡିଶାରେ ଆୟୋଜିତ ହେବାକୁ ଥିବା ଆଗାମୀ ହକି ବିଶ୍ୱକପ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ସବୁ ଜ଼ିଲ୍ଲାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିବା ବେଳେ ଗତକାଲି ସନ୍ଧ୍ୟାରେ ସୁବର୍ଣ୍ଣପୁର ଜ଼ିଲ୍ଲାରେ ମଧ୍ୟ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ଜ଼ିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ହକି ଖେଳ ପ୍ରତି ଲୋକଙ୍କ ଆଗ୍ରହ ବଢାଇବା ପାଇଁ, ଜ଼ିଲ୍ଲାର ହକି ଖେଳାଳୀଙ୍କୁ ଉତ୍ସାହିତ କରିବା ପାଇଁ ଓ ଏହାକୁ ଲୋକାଭିମୁଖୀ କରିବାକୁ ସହରର ଇଷ୍ଟ ଦେବଙ୍କ ନାଁ ରେ ନାମିତ ଥିବା ଏହି ସୁବର୍ଣ୍ଣପୁରକୁ ବଡ଼ ବଡ଼ ହୋଡିଙ୍ଗରେ କାନ୍ଥ ବାଡ଼ ସବୁଆଡେ ହକିପୁର ଲେଖି ଦେଇଛି। ଯାହା ଫଳରେ ଆଜି ଏହାର ବିରୋଧର ସମ୍ମୁଖୀନ ହୋଇ ପ୍ରଶାସନର ହକି ନିଶା ଜୋସ ର ହୋସ ଉଡିଯାଇଛି। ଆଜି ସ୍ଥାନୀୟ ବୁଦ୍ଧିଜୀବୀ ତଥା ଏଡଭୋକେଟ ବଳଦେବ ବେଦବାକଙ୍କ ନେତୃତ୍ୱରେ ସହରର ସଚେତନ ନାଗରିକ ଏହାକୁ ବିରୋଧ କରି ଜ଼ିଲ୍ଲାପାଳଙ୍କ ଅଫିସ ଆଗରେ ଏହାର ପ୍ରତିବାଦ କରିଛନ୍ତି ଏବଂ ହକିଖେଳକୁ ସ୍ୱାଗତ କରୁଛୁ କିନ୍ତୁ ସୁବର୍ଣ୍ଣପୁରକୁ ହକିପୁର ଲେଖିବାକୁ ଏ ହକ କିଏ ଦେଲା ବୋଲି ଜ଼ିଲ୍ଲା ପ୍ରଶାସନକୁ ଶ୍ରୀ ବେଦବାକ ପ୍ରଶ୍ନ କରିଛନ୍ତି। ଏବଂ ଯଦି ପ୍ରକୃତରେ ଜ଼ିଲ୍ଲା ବାସୀଙ୍କ ପ୍ରତି ଜ଼ିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦରଦ ଅଛି ତାହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ଦ୍ରୁତ ବିକାଶ କର, ସ୍ପିନିଙ୍ଗ ମିଲ ର ପୁନଃରୁଦ୍ଧାର କର ଓ ଶହ ଶହ ନୂତନ ଶିଳ୍ପାନୁଷ୍ଠାନ ଗଢ଼ି ତୁରନ୍ତ ସୁବର୍ଣ୍ଣପୁର ଜ଼ିଲ୍ଲାର ଘରେ ଘରେ ଶିଳ୍ପପୁର ଲେଖ ବୋଲି ଶ୍ରୀ ବେଦବାକଙ୍କ ସମେତ ସଚେତନ ନାଗରିକ ଆହ୍ୱାନ କରିଛନ୍ତି ଏବଂ ଚ୍ୟାଲେଞ୍ଜ ମଧ୍ୟ କରିଛନ୍ତି। ଏବଂ ଏଭଳି ମହୋତ୍ସବର ପ୍ରସ୍ତୁତି ଓ ଆୟୋଜନ ପୂର୍ବରୁ ସହର ଓ ଜ଼ିଲ୍ଲାର ବୁଦ୍ଧିଜୀବୀଙ୍କୁ ଅଣଦେଖା କରିବାକୁ ଦୃଢ଼ ନିନ୍ଦା କରିଛନ୍ତି।

# ବିଶ୍ୱ ପୁରୁଷ ହକି କପ ଟ୍ରଫି ଟୁର କୁ ସ୍ୱାଗତ ପାଇଁ ଜିଲ୍ଲା ପ୍ରଶାସନର ବୈଠକ

କନ୍ଧମାଳ, (ପି.ଏନ): ଆସନ୍ତା ୨୭ ଓ ୨୮ ରେ ବିଶ୍ୱ ପୁରୁଷ ହକି କପ ଟ୍ରଫି ଟୁର ଅବସରରେ କନ୍ଧମାଳ ଜିଲ୍ଲାରେ ବିପୁଳ ସ୍ୱାଗତ ସମ୍ବର୍ଧନା କରିବା ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ ସଦଭାବନା ଗୃହ ଠାରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପ ଜିଲ୍ଲାପାଳ ଶେଷ ଦେବ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ଯେପରି ଆକର୍ଷଣୀୟ ଓ ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ।ଆସନ୍ତା ୨୭ ତାରିଖ ସନ୍ଧ୍ୟା ୬ ଟା ରେ ଟ୍ରଫି ଜିଲାର ଖଜୁରୀପଡା ବ୍ଲକ ରେ ପହଂଚିବା ପରେ ସେଠାରେ ବ୍ଲକ ପ୍ରଶାସନ, ଲୋକ ପ୍ରତିନିଧି, ବିଭିନ୍ନ ନାଗରିକ କମିଟି, କ୍ଲବ, ପକ୍ଷରୁ ଉଚ୍ଛସ୍ୱୀତ ସମ୍ବର୍ଧନା ଦେବା ଲାଗି ନିଷ୍ପତି ହୋଇଛି।

ସେହିପରି ଏକ ମିନି ମାରାଥନର ଆୟୋଜନ କରାଯାଇଛି। ଏହାପରେ ଟ୍ରଫି ଫୁଲବାଣୀର କରୋନେସନ ପଡିଆରେ ରାତି ୭ଟା ୩୦ରେ ପହଂଚିବ। ପହଁଚିଲା ପରେ ସ୍ୱାଗତ କରାଯିବ। ଏଥି ସହ ନାଚ ଗୀତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ତାପରେ ଟ୍ରଫି କୁ ସର୍କିଟ ହାଉସ ରେ ପୋଲିସ ର କଡା ସୁରକ୍ଷା ମଧ୍ୟରେ ରଖାଯିବ। ପରଦିନ ଟ୍ରଫି କୁ ଜଗନ୍ନାଥ ମନ୍ଦିରକୁ ଅଣାଯାଇ ସେଠାରେ ସର୍ବସାଧାରଣ ଦେଖିବା ପାଇଁ ରଖାଯିବ ।ପରେ ଏକ ରାଲି କୋର୍ଟ ଛକରୁ ବାହାରି ନାଚଗୀତ, ବାଦ୍ୟ ସହ ମୁଖ୍ୟରାସ୍ତା ଦେଇ ମାଦିକୁନ୍ଦା ଛକ ଦେଇ ମହିଳା ମହାବିଦ୍ୟାଳୟ ଦେଇ ଗାନ୍ଧୀ ଛକ, ଡିଆରଡିଏ ଦେଇ କରୋନେସନ ଗ୍ରାଉଣ୍ଡରେ ପହଂଚିବ।

# ଯୁବ ରେଡ଼କ୍ରସର ୧୪ ଜଣିଆ ଦଳର ପଞ୍ଜାବ ଗସ୍ତ

ମାଲକାନଗିରି, (ପି.ଏନ):ଭାରତୀୟ ରେଡକ୍ରସ୍ ସଂସ୍ଥାର ପଞ୍ଜାବ ରାଜ୍ୟ ଶାଖା ଦ୍ୱାରା ଜାତୀୟ ସ୍ତରରେ ବିଭିନ୍ନ ରାଜ୍ୟର ଜୁନିଅର ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବୈଚାରିକ ଆଦାନପ୍ରଦାନ ବୃଦ୍ଧି ଓ ଯୁବ ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ନେସନାଲ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।୧୫ ରୁ ୧୮ ବର୍ଷ ବୟସର ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ତା ୨୪.୧୨.୨୦୨୨ରିଖରୁ ତା ୨୯.୧୨.୨୦୨୨ ରିଖ ପର୍ଯ୍ୟନ୍ତ ଅମୃତସର ସହରର ଭାରତୀୟ ବିଦ୍ୟା ଭବନ ଦ୍ୱାରା ପରିଚାଳିତ ସଚନ ଲାଲ ପବ୍ଲିକ ସ୍କୁଲ ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ । ଓଡ଼ିଶା ରାଜ୍ୟ ଶାଖା ତରଫରୁ ଗୋଟିଏ ଚଉଦ ଜଣିଆ ଦଳ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଆଜି ଭୁବନେଶ୍ୱରରୁ ବାହାରିଛନ୍ତି । ରେଡକ୍ରସ ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ, ଯୁବ ରେଡକ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ଦଳର ସମସ୍ତ ସଦସ୍ୟଙ୍କୁ ଏଥିଲାଗି ଅଭିନନ୍ଦନ ଜଣାଇବା ସହିତ ଜାତୀୟ ସ୍ତରରେ ଓଡିଶାର ଗୌରବକୁ ଅଧିକ ଉଚ୍ଚକୁ ନେବାଲାଗି ପ୍ରୋତ୍ସାହିତ କରିଛନ୍ତି । ଦଳର ସଦସ୍ୟ ଭାବେ ମାଲକାନଗିରି ଜିଲ୍ଲାରୁ ପାଂଚ ଜଣ, କଟକ ଜିଲ୍ଲାରୁ ପାଂଚ ଜଣ ଓ ମୟୂରଭଞ୍ଜ ଜିଲ୍ଲାରୁ ଦୁଇ ଜଣ ଲେଖାଏଁ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲ୍ଲା ଯୁବ ରେଡ଼କ୍ରସ୍ ସଂଯୋଜକ ଜି. ଆଶିଷ ରାଠୋର ଏବଂ ଉଦୟନାଥ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ , ଅଡସପୁର, କଟକର ଯୁବ ରେଡ଼କ୍ରସ ପରାମର୍ଶଦାତ୍ରୀ ଅମିତା ବାଳା ମହାନ୍ତି ଏହି ଦଳର ନେତୃତ୍ୱ ନେଇଛନ୍ତି ।ଏହିଦଳ ରେଡ଼କ୍ରସ କାର୍ଯ୍ୟ ପଦ୍ଧତି, ବିଦ୍ୟାଳୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତାଲିମ ଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଜାତୀୟ ସ୍ତରରେ ପ୍ରସ୍ତୁତ କରିବେ।

# ୨୦୨୩ ବିଶ୍ୱ ହକି ମହାକୁମ୍ଭକୁ ଜନାଦୃତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି : ଦକ୍ଷିଣୀପାଲି ଠାରେ ଜିଲ୍ଲା ସ୍ତରୀୟ ହକି ରଥର ଶୁଭାରମ୍ଭ

ସୁବର୍ଣ୍ଣପୁର, (ପି.ଏନ): ଆସନ୍ତା ଜାନୁଆରୀ ୧୩ ତାରିଖରୁ ଜାନୁଆରୀ ୨୯ ତାରିଖ ପର୍ଯ୍ୟନ୍ତ ୨୦୨୩ ବିଶ୍ୱ ହକି ମହାକୁମ୍ଭ ଓଡିଶାର ରାଜଧାନୀ ଭୁବନେଶ୍ୱର ସହ ଶିଳ୍ପ ନଗରୀ ରାଉରକେଲା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ। ଆମ ରାଜ୍ୟ ଓଡିଶା ୨୦୨୩ ବିଶ୍ୱ ହକି ମହାକୁମ୍ଭକୁ ଆୟୋଜନ କରୁଥିବାରୁ ଆମେ ସମସ୍ତେ ଜିଲ୍ଲାବାସୀ ନିଶ୍ଚିତ ଭାବେ ଗର୍ବିତ। ପୁନଶ୍ଚ ରାଜ୍ୟର ଗର୍ବ ଓ ଗୌରବକୁ ପରିପୃଷ୍ଟ କରିବା ନିମନ୍ତେ ସମସ୍ତ ପୂର ପଲ୍ଲୀ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ହକିଖେଳକୁ ବ୍ୟାପକ ଓ ଜନାଦୃତ କରିବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ବ ପ୍ରସ୍ତୁତି ପୂର୍ବକ ଜିଲ୍ଲାର ହକିଗଡ ଦକ୍ଷିଣୀପାଲି ଠାରେ ଏକ ସୁସଜ୍ଜିତ ହକିରଥକୁ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରାଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶାନ୍ତିଲତା ମିଶ୍ର, ବିଡ଼ିଓ ହେମସାଗର ଭୋଇ ତଥା ଜିଲ୍ଲା ର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି ହକି ରଥ ର ଶୁଭାରମ୍ଭ କରିଥିଲେ। ପରେ ପରେ ଏହି ପରିପ୍ରେକ୍ଷୀରେ ଜିଲ୍ଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ବର୍ଣାଢ୍ୟ ସଭାରେ ଜାତୀୟ ଖେଳ ହକିକୁ ସବୁ ବର୍ଗରେ ଆଦୃତ କରିବା ସହ ହକି ବିଶ୍ୱକପ- ୨୦୨୩ ଖେଳ ମହାକୁମ୍ଭକୁ ଜିଲ୍ଲା ବ୍ୟାପି ଉତ୍ସାହ ଉଦ୍ଦୀପନାର ସହ ପାଳନ କରିବାକୁ ଆହ୍ୱାନ କରିଛନ୍ତି ଅତିଥି ବୃନ୍ଦ ।ଆଜି ଏହି ପରିପ୍ରେକ୍ଷୀରେ ଦକ୍ଷିଣୀପାଲି ହକି ଖେଳ ପଡିଆରେ ଦକ୍ଷିଣୀପାଲି ଓ ଏସ ପତ୍ରା ପାଲି ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ପାରମ୍ପରିକ ଲୋକ ନୃତ୍ୟ, ଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହକି ବିଶ୍ୱକପ ଅବ୍ୟବହିତ ପୂର୍ବରୁ ଜିଲ୍ଲାର ପ୍ରତ୍ୟେକ ଅଂଚଳର ସର୍ବସାଧାରଣ ଯେପରି ହକି ବିଶ୍ୱକପ ୨୦୨୩ ର ମହନୀୟତାକୁ ହୃଦବୋଧ କରି ବିଶ୍ୱ ହକି ମହାକୁମ୍ଭରେ ଆନ୍ତରିକତାର ସହ ସାମିଲ ହେବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇ ଏହି ରଥ ଜିଲ୍ଲାର ସମସ୍ତ ୧୦୯ ଗୋଟି ପଂଚାୟତକୁ ପରିକ୍ରମା କରିବ। ଆଜି ପ୍ରଥମ ଦିନରେ ଏହି ହକି ରଥ ଦକ୍ଷିଣୀପାଲି ଠାରୁ ଆରମ୍ଭ କରି ବିଶେଷ ପଟୁଆରରେ ଉଲୁଣ୍ଡା ବ୍ଲକ ର ପଂଚ ମହଲା, ଯାଲୋଏ, କଳାପଥର ଓ ମହାଦା ଗ୍ରାମପଂଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା କାଲି ଜିଲ୍ଲାର ସୋନପୁର ବ୍ଲକ ଅନ୍ତର୍ଗତ ଛକୋରମାଲ, ରେଙ୍ଗାଲି, ମଲ୍ଲିକମୁଣ୍ଡା, ହର୍ଡଖୋଲ ଗ୍ରାମପଂଚାୟତକୁ ପରିକ୍ରମା କରି ପଂଚାୟତ ସ୍ତରରେ ସମସ୍ତ ବର୍ଗର ଲୋକଙ୍କୁ ହକି ଖେଳ ସମ୍ବନ୍ଧୀୟ ବିଶେଷ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନରେ ସାମିଲ କରିବ ଯଦ୍ୱାରା ଚଳିତ ହକି ବିଶ୍ୱକପର ଉଲ୍ଲାସ ରେ ଅଧିକରୁ ଅଧିକ ଜନସାଧାରଣ ସାମିଲ ହେବାର ସୁଯୋଗ ନେଇପାରିବେ ।ଆଜିର ଏହି ବିଶେଷ କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି, ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବିଭିନ୍ନ ସାଂସ୍କୃତିକ ଦଳ, ସାମ୍ବାଦିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଚେସ୍ କ୍ରୀଡା ପ୍ରତିଯୋଗିତାରେ ଆଦ୍ୟସିଂହ କହଁରଙ୍କ ତୃତୀୟ ସ୍ଥାନ ଅଧିକାର

କନ୍ଧମାଳ, (ପି.ଏନ): ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍ ସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ତୃତୀୟ ସର୍ବଭାରତୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ତରଫରୁ ଆୟୋଜିତ ଜାତୀୟ ଜୁନିଅର ଚେସ୍ କ୍ରୀଡା ପ୍ରତିଯୋଗିତାରେ କନ୍ଧମାଳ ପୁଅ ଆଦ୍ୟସିଂହ କହଁର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ସେ ଜିଲ୍ଲାସ୍ତରୀୟରୁ ରାଜ୍ୟସ୍ତରୀୟ ଜୁନିଅର ଚେସ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ପରେ ଜାତୀୟସ୍ତରକୁ ଉନ୍ନୀତ ହୋଇଥିଲେ । ୧୭ ଡିସେମ୍ବର ଠାରୁ ଆରମ୍ଭ ହୋଇ ୨୨ ରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଫାଇନାଲ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ସର୍ବଭାରତୀୟ ଜୁନିଅର ଚେସ୍ ପ୍ରତିଯୋଗିତାରେ ଆଦ୍ୟସିଂହ କହଁର ତୃତୀୟ ସ୍ଥାନ ଅଧିକାର କରି ଆମ କନ୍ଧମାଳ ଜିଲ୍ଲା ତଥା ଓଡିଶାର ଗୌରବ ଆଣି ପାରିଛନ୍ତି । ସେ ବାଲିଗୁଡା ଉପଖଣ୍ଡ ମହାସିଙ୍ଗି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଅଟନ୍ତି । ତାଙ୍କ ଘର ଫୁଲବାଣୀ ବ୍ଲକ ଦଡକୀ ପଂଚାୟତ ସ୍ଥିତ ରାମାଡି ଗ୍ରାମରେ ।ଆଦ୍ୟସିଂହଙ୍କ ପିତା ପ୍ରଦୀପ କହଁର ମାତା ଭଗବତୀ ପ୍ରଧାନ ଅଟନ୍ତି ।ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଆଦ୍ୟସିଂହ ବ୍ରୋଞ୍ଜ୍ ପଦକ ହାସଲ କରିଥିବାରୁ ବିଦ୍ୟାଳୟର ଅଧକ୍ଷ ଡ଼ଃ.ସାଇରାମ ପାତ୍ର, କୋଚ୍ ଶିଶିର ସାମଲ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତା''ଙ୍କ ବାପା,ମା'' ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଆଇଏମଏସଟି ଉଚ୍ଚ ବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ

ମାଲକାନଗିରି, (ପି.ଏନ): ମାଲକାନଗିରି ସହର ତଥା ଜିଲ୍ଲାର ସର୍ବପୁରାତନ ଇଂରାଜୀ ମିଡିୟମ ବିଦ୍ୟାଳୟ ଆଇଏମଏସଟି ଉଚ୍ଚ ବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ୧୯୭୬ ମସିହାରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ପ୍ରାୟ ୧୧ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କ ପାଇଁ ୫୦ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି ।ଏହି ସମାରୋହରେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଏବଂ ମାଲକାନଗିରି ତହସିଲଦାର ଚନ୍ଦନ କୁମାର ଭୋଇ ଏବଂ ଅତିରିକ୍ତ ତହସିଲଦାର ଜଗଦିଶ କାର୍ତାମୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢ଼ା ସହିତ ଉତମ ଚରିତ୍ର ଗଠନ ପ୍ରତି ଧ୍ୟାନ ଦେବାକୁ ଓ ଅନ୍ୟାନ୍ୟ ବିଷୟ ଯଥା, ଖେଳକୁଦ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଇତ୍ୟାଦି ବିଷୟରେ ମଧ୍ୟ ପାରଙ୍ଗମ ହେବା ପାଇଁ ଉପଦେଶ ଦେଇଥିଲେ। ଏହା ପରେ ଅତିଥି ମାନେ ପ୍ରବନ୍ଧ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ,ରାଇମସ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିସହିତ ସିବିଏସଇ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସବୁଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ ୱାଇ. ଯୀଶୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଇଏମଏସଟି ଓଡ଼ିଶା ଓ ଛତିଶଗଡ଼ ଫିଲ୍ଡ କୋଅର୍ଡିନେଟର ତଥା ଯାଜକ ଶିବରାଜ, ଯାଜକ ଡାନିଏଲ ମାନୁଆଲ ରାଜ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ କିର୍ତନୀୟା, ଉପାଧକ୍ଷା ସୁଧାମଣୀ ତାଣ୍ଡି ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ନର୍ସରୀ ଠାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଓଡ଼ିଶୀ ସହିତ, କୋରାପୁଟିଆ, ସମ୍ବଲପୁରୀ ଏବଂ ଅନ୍ୟାନ୍ୟ ନୃତ୍ୟ, ଗୀତ, ନାଟକ, ସ୍କିଟ ଏବଂ ଟାବଲୋ ମାଧ୍ୟମରେ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ହଜାର ହଜାର ସଂଖ୍ୟାରେ ଦର୍ଶକ ଉକ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ, ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଇ ଥିଲା। ଏହି ଉତ୍ସବରେ ବିଦ୍ୟାଳୟର ବନିତା,କରା ତୟାଲୁ, ସୁମିତ୍ରା ମୁର୍ମୁ, ନିରୁପମା ସାନ୍ତପାତ୍ର, ସୁଜାତା ଡାକୁଆ, ଶୋଭା, ହେଲେନ ମିସ୍ ସନ୍ତୋଷିନୀ, ମୌସୁମୀ ପରିଡ଼ା, ଗରିମା ଛତ୍ରୀ, ସର୍ବଶ୍ରୀ ଫିଲିମନ ହାଁସଦା, ଅଜିତ ଖୋସଲା, ସୁନ୍ଦର କୁମାର,ମେସକ ରାଜାୟା,ଯୋସେଫ, ଅନୀଲ ତେଲଗିରି,ଦିନେଶ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ, ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ।

# ଜଙ୍ଗଲ ମନ୍ତ୍ରୀଙ୍କ ଜିଲାରେ ଅସୁରକ୍ଷିତ ବନ୍ୟଜନ୍ତୁ : ମାଈ ଭାଲୁର ମୃତଦେହ ଉଦ୍ଧାର କଲା ବନବିଭାଗ

ବୌଦ୍ଧ,(ପି.ଏନ): ରାଜ୍ୟରେ ସୁରକ୍ଷିତ ନାହାନ୍ତି ବନ୍ୟଜନ୍ତୁ। ଏପରିକି ଖୋଦ ଜଂଗଲ ମନ୍ତ୍ରୀଙ୍କ ଜିଲାରେ ଚାଲିଛି ଗୋଟିଏ ପରେ ଗୋଟିଏ ଜନ୍ତୁ ଶିକାର। ମୁକ ଦର୍ଶକ ସାଜିଛି ବନ ବିଭାଗ। ବନ ଅଧିକାରୀଙ୍କ ବିରୋଧରେ ହେଉନାହିଁ କାର୍ଯ୍ୟାନୁଷ୍ଠାନ। ତଳିଆ କର୍ମଚାରୀଙ୍କୁ ନାଲି ଆଖି ଦେଖାଉଥିବା ବେଳେ ବଡବଡିଆଂକୁ ସାତ ଖୁଣ ମାଫ। ଶିକାରୀଙ୍କ ହାତରେ କେତେବେଳେ ହାତୀ ମରୁଛି, କେତେବେଳେ ବାରହା, ତ ଆଉ କେତେ ବେଳେ ଭାଲୁ । ଆଜି ମନମୁଣ୍ଡା ବନ ବିଭାଗ ଶଗଡା ସେକ୍ସନ ପୁରୁଷୋତମପୁର ନିକଟସ୍ଥ ଜଙ୍ଗଲ ଗୁରୁବୁଡା ପାଦଲି ଠାରୁ ଏକ ମାଈ ଭାଲୁର ମୃତଶରୀର ଉଦ୍ଧାର କରିଛି । ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନେତୃତ୍ୱରେ ଅଧିକାରୀଗଣ ଘଟଣାସ୍ଥଳକୁ ଯାଇ ଭାଲୁର ମୃତ ଶରୀରକୁ ଲୁଣପଙ୍ଗା ନର୍ସରିକୁ ନେଇଥିଲେ। ମୃତ ଭାଲୁର ବ୍ୟବଛେଦ କରି ସେଠାରେ ପୋତାଯାଇଛି ।କିଛି ମାସ ତଳେ ଜିଲାରେ ଭାଲୁ ଶିକାର ହୋଇଥିବା ବେଳେ ଆଜି ଶିକାରୀଙ୍କ ହାତରେ ପୁଣି ଜୀବନ ଯାଇଛି ଆଉ ଗୋଟିଏ ଜଂଗଲି ଭାଲୁର । ଅନ୍ୟପକ୍ଷରେ ମାଈ ଭାଲୁର ନାକ ରୁ ସାମାନ୍ୟ ରକ୍ତ ବାହାରିଥିଲା ଓ ଶରୀରର ଅନ୍ୟ କୌଣସି ସ୍ଥାନରେ କୌଣସି କ୍ଷତ ନଥିବା ନେଇ ବନ ବିଭାଗ ତରଫରୁ କୁହାଯାଇଛି।


2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




ଖେଳ

ପର୍ଯ୍ୟବେକ୍ଷକ

PARYABEKHYAK







# ଯାଜପୁର ଜିଲ୍ଲା ଓଷ୍ଟା ପକ୍ଷରୁ ୩୯ତମ ଶିଶୁ ଉତ୍ସବ ମହାସମାରୋହରେ ପାଳିତ



ଦର୍ପଣ,(ପି.ଏନ):ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଯାଜପୁର ଜିଲ୍ଲା ପକ୍ଷରୁ ନୀଳସୁନ୍ଦର ହାଇସ୍କୁଲ ନେଉଳପୁର ଠାରେ ୩୯ତମ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବ ମହାସମାରୋହରେ ୨ଦିନ ଦରି ପାଳିତ ହୋଇଯାଇଛି। ଗତକାଲି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଓଷ୍ଟାର କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ବୀଶିଷ୍ଟ ଅତିଥି ଭାବେ ଓଷ୍ଟାର ପୁର୍ବତନ ସାଧାରଣ ସଂପାଦକ ବିବେକାନନ୍ଦ ଦାସ, ଶିଳ୍ପପତି ଶ୍ରୀବାସ ଜେନା, ସମ୍ମାନିତ ଅତିଥି ଭାବେ ଅଲ ଓଡିଶା ସଭାପତି ବିକ୍ରମ କେଶରୀ ଦାସ, ଧର୍ମଶାଳା ଥାନା ଆରକ୍ଷୀ ନିରୀକ୍ଷକ ରାକେଶ ତ୍ରିପାଠୀ, ଡ.ନୃସିଂହ ଚରଣ ବେହେରା, ଧର୍ମଶାଳା ବ୍ଲକ ଓଷ୍ଟାର ସଭାପତି ତଥା ନୀଳସୁନ୍ଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦାମ ପଣ୍ଡା, ନିର୍ମଳ ଚନ୍ଦ୍ର ଜେନା, ସୁବାଷ ଚନ୍ଦ୍ର ପ୍ରଦଧାନ, ଯୁଗପ୍ରଭା ସାବତ, ରମେଶ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ବିଶ୍ୱାଳ, କାହ୍ନୁ ଚରଣ ସାମଲ, ପିତାମ୍ବର ସ୍ୱାଇଁ, ଧନଞ୍ଜୟ କେଶରୀ ରାଉତରାୟ, ଅଭ୍ୟର୍ଥନା ସମିତିର ସଂପାଦକ ଶରତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ଅଧକ୍ଷତା କରିଥିଲେ ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ, ପ୍ରାରମ୍ଭରେ ସମସ୍ତ ଅତିଥିବୃନ୍ଦ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ଉଜ୍ୱଳନ କରିଥିଲେ। ବିଶିଷ୍ଟ ଅତିଥି ବିବେକାନନ୍ଦ ଦାସ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକରୁ ୧୮୯ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଶିକ୍ଷା ହେଉଛି ଛାତ୍ରର ମାନଦଣ୍ଡ। ଛାତ୍ରଛାତ୍ରୀ ମାନଙ୍କର ନୈତିକ ବିକାଶ ପାଇଁ ଶିକ୍ଷା ଓ ଜ୍ଞାନର ଆବଶ୍ୟକତା ରହିଛି। ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଛାତ୍ରଛାତ୍ରୀ ମାନଙ୍କୁ ଠିକଣା ବାଟରେ ଶିକ୍ଷା ଦେଇପାରିଲେ ସେହି ଛାତ୍ରଛାତ୍ରୀ ଆସନ୍ତାକାଲି ସୁନାମ ଅର୍ଜନ କରିପାରିବେ। ଛାତ୍ରମାନଙ୍କର ଅର୍ନ୍ତନିହିତ ପ୍ରତିଭାକୁ ଉନ୍ମେଷ କରିବା ପାଇଁ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ପାରିବେ ବୋଲି ସମସ୍ତ ଅତିଥିବୃନ୍ଦ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉତ୍ସବରେ ଶିକ୍ଷାବିତ, କ୍ରୀଡାବିତ, ସମାଜସେବୀ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ଉତରୀୟ ଦିଆଯାଇ ବୀଧାୟକ ଶ୍ରୀ ବଳବନ୍ତରାୟ ସମ୍ବର୍ଦ୍ଧିତ କରିଥିଲେ। ଆଜି ଉଦଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ, ମୁଖ୍ୟ ଅତିଥି ଭାବେ ଓଡିଶା ଶିକ୍ଷକ ସଂଘର ସଭାପତି ଡ.ଅମୀୟ କୁମାର ମହାନ୍ତି, ସ୍ତମ୍ଭକାର ଅକ୍ଷୟ କୁମାର ମିଶ୍ର, ଅଧାପକ ପବିତ୍ର କୁମାର ମାହାଲା, କମ୍ରେଡ ଯତୀନ୍ଦ୍ର ଜେନା, ଡାକ୍ତର ସୁଧାଂଶୁ ଶେଖର ବଳ, ଶୁଭେନ୍ଦୁ କୁମାର ଭୋଇ, ଅଭ୍ୟର୍ଥନା କମିଟିର ସଂପାଦକ ସରୋଜ କୁମା ରଦାସ, ନୀଳସୁନ୍ଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ପଣ୍ଡା, ଯାଜପୁର ଜିଲ୍ଲା ଓଷ୍ଟାର ସଂପାଦକ ବ୍ରଜକିସୋର ବିଶ୍ୱାଳ, ଶିଶୁ ସାହିତ୍ୟିକ ଡ.ପ୍ରିୟନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଓଷ୍ଟାର ସଂପାଦକ ବ୍ରଜକିଶୋର ବିଶ୍ୱାଳ ଅତିଥି ପରିଚୟ ଦେବାସହିତ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ପ୍ରତିଯୋଗିତା ଡ୍ରଇଁ, ଆବୃତି, ଏକକ ନୃତ୍ୟ, କବିତା ଲିଖନ, ଗଳ୍ପ ଲିଖନ ପ୍ରଭୃତି ୧୦ଟି ବ୍ଲକରୁ ୧୮୯ପ୍ରତିଯୋଗୀ ଯୋଗ ଦେଇଥିଲେ। ଆଜି ମଧ ଏକକ ଅଭିନୟ ଓ କଣ୍ଠ ସଙ୍ଗୀତ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଓଷ୍ଟା ପକ୍ଷରୁ ସମସ୍ତ ଅତିଥି ମାନଙ୍କୁ ଓତରୀୟ ଓ ପୁଷ୍ପଗୁଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା କେତେକ ଛାତ୍ରଛାତ୍ରୀ ମାନଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ କରାଯାଇଛି। ଉତ୍ସବକୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ବିଜୟ କୁମାର ରାମ, ଉପଦେଷ୍ଟା ଶରତ କୁମାର ଦାସ, ଜାହାଙ୍ଗୀର ଚାନ୍ଦ, ବିପିନି ବିହାରୀ ଜେନା, ଉପସଭାପତି ସନାଉଲ ଖାଁ, ଅଧାପକ ଅରୁଣ କୁମା ରନାୟକ, ସଂଯୋଜକ ଅଜାମୁଲ ହକ, ଉପସଂଯୋଜକ ଦିବାକର ବେହେରା, କୋଷାଧକ୍ଷ ବିନୟ କୁମାର ସାହୁ, ସଂସଦ ବାନ୍ଟୁ, ହେମନ୍ତ କୁମାର ଜେନା, ଜିତେନ୍ଦ୍ର ନାୟକ, ସ୍କୁଲ ପରିଚାଳନା କମିଟି ବୀରବର ବେହେରା, ସଂପାଦକ ବିଚିତ୍ର ରାଉତ, ପଂଚାନନ ରାଉତ ପ୍ରମୁଖ ଶିଶୁ ଉତ୍ସବକୁ ସଫଳ କରିବାରେ ସମ୍ପୂର୍ଣ୍ଣ ସହ ଯୋଗ କରିଥିଲେ।

## ଧାନ ମଣ୍ଡିରେ କଟନି ଛଟନି ବନ୍ଦ କରିବାକୁ ଦାବି

ଜୟପୁର,(ପି.ଏନ): ଧାନ ମଣ୍ଡିରେ କଟନି ଛଟନି ବନ୍ଦ କରିବାକୁ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ। କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ଲ୍ୟାମ୍ପ ଅଧିନସ୍ଥ ହାଡିଆ, କେବିଡି, ଜୟନ୍ତିଗିରି ମଣ୍ଡିର ଚାଷି ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଉପ ଜଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।ଉକ୍ତଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଗତ ସୋମବାର ମୁକୁଲିପୁଟ, ମଙ୍ଗଳବାର ହାଡିଆ, ଗୁରୁବାର କେବିଡି ମଣ୍ଡିକୁ ଚାଷି ଧାନ ଆଣି ପୁଣି ଫେରାଇ ନେଲେ । କାରଣ ମିଲ ମାଲିକ ମାନେ ପ୍ରତ୍ୟେକ କୁଇଣ୍ଟାଲ ପିଛା ୪ରୁ ୫ କେଜି ଅଧିକା ମାଗିଲେ। ତେଣୁ ଚାଷି ମାନେ ଏହାକୁ ବିରୋଧ କରି କୁଇଣ୍ଟାଲ ପିଛା ୨ କେଜି ଦେବାକୁ ରାଜି ହେଲେ । କିନ୍ତୁ, ମିଲ ମାଲିକ ମାନେ ତାଙ୍କ ଜିଦରେ ଅଟଳ ରହିଲେ। ତେଣୁ ପ୍ରଶାସନ ତୁରନ୍ତ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି ।

# ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ




କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସହରର ମେହେମୁଦାବାଦ ସ୍ଥିତ ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲ ଅଧକ୍ଷ ସେକ ଇନାମୁଲ ହକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡା. ସୟଦ ଆଉରଙ୍ଗଜେବ ଅଲ୍ଲୀ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଏଥିସହିତ ଦେଶ ଓ ରାଜ୍ୟର ବିକାଶରେ ବିଜ୍ଞାନର ସଫଳ ଉପଯୋଗ କରି କିଭଳି ସାଧାରଣ ଜନତାଙ୍କ ସ୍ୱାର୍ଥରେ ତାହା ବିନିଯୋଗ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପ୍ରଦର୍ଶନୀରେ ୬୦ଟି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସନ୍ତୋଷ କୁମାର ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିଲେ।

# ଶ୍ରୀ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ସୂରଜ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଶ୍ରୀ କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ୧୨ ତମ ବାର୍ଷିକ ଉତ୍ସବ ସୂରଜ ମଳିପଡା ସ୍ଥିତ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ, ପଞ୍ଚାୟତରାଜ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ କୁମାର ପାଟଶାଣୀ, ଓଟିଡିସିର ଅଧକ୍ଷ ଡ. ଲେଲିନ ମହାଁ, ବଲିଉଡ ଅଭିନେତ୍ରୀ ମୋନିକା ବେଦୀ, ବିଦ୍ୟାଳୟର ସଭାପତି ପବିତ୍ର କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରଥମେ ବିଦ୍ୟାଳୟର ଆଡମିନ୍ ଫଳକ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟରେ ଥିବା ଗାନ୍ଧିଜୀ ଓ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ସୂରଜ ୨୦୨୨ କୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ଅଧକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର ସ୍ୱାଗତ ସମ୍ଭାଷଣ ରଖିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ପାଟଶାଣୀ ଅଭିଭାଷଣ ରଖି କହିଥିଲେ ବିଦ୍ୟାଳୟ ହିଁ ପିଲା ମାନଙ୍କର ଜୀବନ ଓ ଦେଶ ଗଠନର ମୁଖ୍ୟସ୍ଥଳୀ। ପିଲାମାନେ ସଂସ୍କାରି ହେବା ସହ ଚରିତ୍ରବାନ ହେବା ଆବଶ୍ୟକ। ଡ. ମହାଁ ବିଦ୍ୟାଳୟର ଉନ୍ନତି ଓ ପିଲାମାନଙ୍କର ଭବିଷ୍ୟତ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ରେଖାପାତ କରିବା ସହିତ ଅଭିଭାବକ ଓ ଶିକ୍ଷକ ମାନଙ୍କର ଦାୟିତ୍ୱ ଉପରେ ଗରୁତ୍ୱାରୋପ କରିଥିଲେ। ସଭାପତି ଶ୍ରୀଯୁକ୍ତ ରାଉତରାୟ ବିଦ୍ୟାଳୟ ଗଠନର ମୂଳ ଲକ୍ଷ ସମ୍ବନ୍ଧରେ କହିବା ସହିତ ପିଲାମାନଙ୍କୁ ଭଲ ପାଠ ପଢି ବଡ ମଣିଷ ହୋଇ ଜାତି ଓ ଦେଶ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ନାଟକ ଜୁଗେ ଜୁଗେ ଜଗନ୍ନାଥ ପରିବକ୍ଷେଣ ହେବା ସହ ବିବିନ୍ନ ନାଚ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲିଉଡ ଅଭିନେତ୍ରୀ ମୋନିକା ବେଦୀ ଓ ତାଙ୍କ ଟିମ୍ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କ ମନମୁଗ୍ଧ କରିଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପାଧକ୍ଷ କବିନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏମ୍‌ସି ତରଫରୁ ରାଜଧାନୀରେ ଗଣସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ) : ଆଜି ବିଏମ୍‌ସି ଅଧିନରେ ଥିବା ସମସ୍ତ ୱାର୍ଡରେ ଏକ ସମୟରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସବୁ ୱାର୍ଡର କର୍ପୋରେଟରମାନେ ଦାୟିତ୍ୱ ନେଇ ସଫଇେ କର୍ମଚାରୀ ଭାଇଭଉଣୀ, ସ୍ୱୟଂସହାୟକ ଗୋଷ୍ଠୀର ମା ଓ ଭଉଣୀମାନେ, ବିଭିନ୍ନ ୱାର୍ଡରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟୀ ଭାଇମାନଙ୍କୁ ସାଙ୍ଗରେ ଧରି ସମସ୍ତେ ମିଶି ନିଜ ନିଜ ୱାର୍ଡକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ନିଜ ଘରୁ ସବୁଦିନ ଯେଉଁ ଓଦା ଓ ଶୁଖିଲା ଅଳିଆ ବାହାରୁଛି, ତାକୁ ଘର ଭିତରେ ରହି ରାସ୍ତା ଉପରକୁ ନଫୋପାଡ଼ି ଅଳିଆ ଗାଡ଼ିକୁ ଦେବାପାଇଁ ଓ ନିଜ ଘରପାଖ ରାସ୍ତାଘାଟ ସଫା ସୁତୁରା ରଖିବାକୁ ସଚେତନ କରାଇବା ଏହି ଗଣସଫେଇ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଲୋକମାନଙ୍କୁ ବୁଝାଇଥିଲେ । ଏହି ସମୟରେ ସମସ୍ତେ ହାତରେ ଝାଡୁ ଧରି ରାସ୍ତାଘାଟ ସଫା କରିଥିଲେ । ରାସ୍ତା କଡ଼ରେ ଥିବା ଗଛ ମୂଳରେ ଥିବା ମାଟି ସଫା କରି ପାଣି ଦେଇଥିଲେ । ଏହି କ୍ରମରେ ମା' ଭୁବନେଶ୍ୱରୀ ମହିଳା ମହାସଂଘର ସଭାପତି ତଥା ୩୫ ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ରଞ୍ଜୁଲତା ରାୟ ସବୁ ସଫେଇ କର୍ମଚାରୀ, ମହାସଂଘର ସବୁ ମା' ଭଉଣୀମାନଙ୍କୁ ସାଙ୍ଗରେ ସକାଳୁ ୱାର୍ଡର ସବୁ ରାସ୍ତା ଝାଡୁ ମାରି ଅଳିଆ ଆବର୍ଜନା ଉଠାଇ ଲୋକମାନଙ୍କୁ ସଚେତନ କରାଇଥିଲେ । ସଫେଇ କାର୍ଯ୍ୟକ୍ରମ ପରେ ସବୁ ସଫେଇ କର୍ମଚାରୀ ଭାଇ ଓ ଭଉଣୀମାନଙ୍କୁ ଗୋଲାପଫୁଟ, ଉତ୍ତରୀ, ହ୍ୟାଣ୍ଡ ଗ୍ଲୋବସ୍, ମାସ୍କ, ସାନିଟାଇଜର ଦେଇ ସମ୍ମାନିତ କରିଥିଲେ । ଏହି ସମୟରେ ୱାର୍ଡରେ ରହୁଥିବା ବରିଷ୍ଠ ନାଗରିକମାନେ କର୍ପୋରେଟରଙ୍କ ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । କର୍ପୋରେଟର ମଧ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକଙ୍କୁ ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ନିମନ୍ତ୍ରଣ କରି ସମ୍ମାନିତ କରିଥିଲେ । ସେହିପରି ୟୁନିଟ୍-୪ ମସ୍‌ଜିଦ୍ ପାଖରୁ ଆରମ୍ଭ କରି ମାଛ ମାର୍କେଟ, ବିଧାୟକ କଲୋନୀ, ପୋଷ୍ଟାଲ୍ କଲୋନୀ, ଏ.ଜି. କଲୋନୀ, ବିଏସ୍ଏନ୍ଏଲ୍ କଲୋନୀ, ରିଜର୍ଭବ୍ୟାଙ୍କ କଲୋନୀ, ଷ୍ଟେଟ୍‌ବ୍ୟାଙ୍କ କଲୋନୀ ଓ ଇଣ୍ଡିଆନ୍ ଅଏଲ୍ କଲୋନୀ ତଥା ମଧୁସୂଦନ ନଗର ଭଳି ଭି.ଆଇ.ପି. ଏରିଆ ଗୁଡ଼ିକରେ ଥିବା ରାସ୍ତାଘାଟ ସବୁକୁ ୩୬ ନମ୍ବର ୱାର୍ଡର କର୍ପୋରେଟର ଅଲିଅଲି ମଲ୍ଲିକ ନିଜେ ଝାଡୁ ଧରି ସଫେଇ କର୍ମଚାରୀମାନଙ୍କୁ ସାଙ୍ଗରେ ଧରି ଏବଂ ମହିଳା ମହାସଂଘର ସବୁ ଭଉଣୀମାନଙ୍କ ସହ ମିଶି ରାସ୍ତାଘାଟ ସଫାକରି ସର୍ବସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବି.ଏମ୍.ସି. ଡେପୁଟି କମିଶନର ଗାୟତ୍ରୀ ପଟ୍ଟନାୟକ ଉପସ୍ଥିତ ରହି ସମସ୍ତଙ୍କୁ ନିଜ ୱାର୍ଡକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରାଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray